بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 45

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05 ନଭେମ୍ବର 2020    05 ନବୁୱ୍ୱତ 1399 ହି.ଶ    18 ରବିଉଲ୍ ଅୱ୍ୱଲ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یَّعۡمَلۡ سُوۡٓءًا اَوۡ یَظۡلِمۡ نَفۡسَہٗ ثُمَّ یَسۡتَغۡفِرِ اللّٰہَ یَجِدِ اللّٰہَ غَفُوۡرًا رَّحِیۡمًا

(النساء:111)

ଅନୁବାଦ- ଏବଂ ଯେ କେହି ଦୁଷ୍କର୍ମ କରି ବା ନିଜ ଜୀବନ ପ୍ରତି ଅତ୍ୟାଚାର କରି ତା ପରେ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବ, ସେ ଅଲ୍ଲାଃଙ୍କୁ କ୍ଷମାଶୀଳ (ଓ) ସଦା କରୁଣାମୟ ପାଇବ । *(ନିସା: ୧୧୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଈଶ୍ୱରଙ୍କ ବିଷୟରେ ଜ୍ଞାନ ମିଳିବାରେ ଯେଉଁ ଆନନ୍ଦ ଅଛି ତାହା ଏପରି ଏକ ଜିନିଷ ଯାହାକୁ ନା କୌଣସି ଆଖି ଦେଖିଛି ନା କାନ ଶୁଣିଛି ନା ଆଉ କୌଣସି ଇନ୍ଦ୍ରିୟ ଅନୁଭବ କରିଛି । ଏହା ଏକ ଅଲଗା ବିଷୟ । ପ୍ରତ୍ୟେକ ମୁହୂର୍ତ୍ତରେ ଏହା ଏକ ଆନନ୍ଦ ସୃଷ୍ଟି କରେ ଯାହା ପୂର୍ବରୁ ଅନୁଭବ ହୋଇନଥାଏ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ସଂସାର ଏବଂ ସାଂସାରିକ ଭୋଗବିଳାଷର ସତ୍ୟତା/ବାସ୍ତବିକତା

ବାସ୍ତବରେ ଏ ଭୌତିକ ସଂସାରର ଭୋଗବିଳାଷ ଏକ ଖେଳ ଓ ମନୋରଞ୍ଜନ ବ୍ୟତୀତ ଆଉ କିଛି ନୁହେଁ । ବାସ୍ତବରେ ଏହା ଅସ୍ଥାୟୀ ଓ କିଛିଦିନ ପାଇଁ । ଏହି ଅସ୍ଥାୟୀ ଆନନ୍ଦର ଫଳାଫଳ ହେଉଛି ଏହା କି ଏହା ଦ୍ୱାରା ଜଣେ ବ୍ୟକ୍ତି ପରମେଶ୍ୱରଙ୍କଠାରୁ ଦୁରେଇଯାଇଥାଏ । କିନ୍ତୁ ଈଶ୍ୱରଙ୍କ ବିଷୟରେ ଜ୍ଞାନ ମିଳିବାରେ ଯେଉଁ ଆନନ୍ଦ ଅଛି ତାହା ଏପରି ଏକ ଜିନିଷ ଯାହାକୁ ନା କୌଣସି ଆଖି ଦେଖିଛି ନା କାନ ଶୁଣିଛି ନା ଆଉ କୌଣସି ଇନ୍ଦ୍ରିୟ ଅନୁଭବ କରିଛି । ଏହା ଏକ ଅଲଗା ବିଷୟ । ପ୍ରତ୍ୟେକ ମୁହୂର୍ତ୍ତରେ ଏହା ଏକ ଆନନ୍ଦ ସୃଷ୍ଟି କରେ ଯାହା ପୂର୍ବରୁ ଅନୁଭବ ହୋଇନଥାଏ ।

ଖୁଦାତାଲାଙ୍କ ସହିତ ମଣିଷର ଏକ ବିଶେଷ ସମ୍ପର୍କ ରହିଛି । ଐଶ୍ୱରୀୟ ଜ୍ଞାନ ପ୍ରାପ୍ତି କରିଥିବା ଲୋକମାନେ ମଣିଷ ଓ ଈଶ୍ୱରଙ୍କ ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧରେ ବହୁତ ସୂକ୍ଷ୍ମ ବିଶ୍ଳେଷଣ/ତର୍ଜମା କରିଛନ୍ତି । ଯଦି ଗୋଟିଏ ଶିଶୁର ମୁହଁକୁ ପଥରରେ ଲଗାଇବେ ତେବେ କଣ କୌଣସି ବୁଦ୍ଧିମାନ ବ୍ୟକ୍ତି ଏକଥା ଭାବିପାରିବ ଯେ ଏହି ପଥର ଭିତରୁ କ୍ଷୀର ବାହାରିବ ଓ ପିଲାଟି ସନ୍ତୁଷ୍ଟ ହୋଇଯିବ କି ? କଦାପି ନୁହେଁ । ସେହିପରି ଯେ ପର୍ଯ୍ୟନ୍ତ ମଣିଷ ଖୁଦାତାଲାଙ୍କ ଦ୍ୱାରଦେଶରେ ନ ପଡ଼ିଛି, ତା'ର ଆତ୍ମା ସମ୍ପୂର୍ଣ୍ଣରୂପେ ନିମିତ ହୋଇ ଈଶ୍ୱରଙ୍କ ସହିତ ସମ୍ପର୍କ ସୃଷ୍ଟିନ କରିଛି, ସେ ପର୍ଯ୍ୟନ୍ତ ଏହା କରିପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ତା ଅସ୍ତିତ୍ୱକୁ ତୁଚ୍ଛ ନ ମଣିବ କାରଣ ଈଶ୍ୱରତ୍ୱ ଏହା ଚାହିଁଥାଏ, ଏହା ନ ହେବା ପର୍ଯ୍ୟନ୍ତ ଆତ୍ମା ଆଧାତ୍ମିକ କ୍ଷୀର ଦ୍ୱାରା ଲାଳନ ପାଳନ ହୋଇପାରିବ ନାହିଁ । ଆରବି ଶବ୍ଦ **ଲହଓ** ଖାଦ୍ୟପେୟ ଇତ୍ୟାଦି ସମସ୍ତ ଭୋଗବିଳାଷକୁ ବୁଝାଇଥାଏ । ଏହି ଭୋଗ ବିଳାଷର ଫଳାଫଳକୁ ଦେଖନ୍ତୁ ସେଥିରେ ଘୃଣ୍ୟ ବ୍ୟତିତ ଆଉ କିଛି ନଥାଏ । ଅଳଙ୍କାର, ଗାଡ଼ିମଟର, ସୁନ୍ଦର ଘର ପ୍ରାଧିକରଣ କିମ୍ବା ପାରିବାରିକ ପୃଷ୍ଠଭୂମି ଉପରେ ଗର୍ବ କରିବା ହେଉଛି ଏମିତି କଥା, ପରିଶେଷରେ ସେଥିରୁ ଏକ ପ୍ରକାରର ଘୃଣ୍ୟଭାବ ସୃଷ୍ଟି ହୋଇଥାଏ ଯାହା କ୍ଳେଶ ସୃଷ୍ଟି କରେ ଓ ମନକୁ ଦୁଃଖ ପହଂଚାଇବା ସହିତ ଅସ୍ଥିର କରିଦିଏ ।

ଆରବି ଶବ୍ଦ **ଲଅବ୍** ରେ ମହିଳାମାନଙ୍କ ପ୍ରତି ପ୍ରେମ ନିହିତ ଅଛି । ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ଅନ୍ତରଙ୍ଗ ହୁଏ କିନ୍ତୁ କିଛି ସମୟ ପରେ ସେହି ପ୍ରେମ ଓ ଆନନ୍ଦ ଦୁର୍ବଳ ହୋଇଯାଏ । ଯଦି ଏହା ସବୁ କେବଳ ଅଲ୍ଲାଃ ତାଲାଙ୍କ ସହିତ ବାସ୍ତବିକ ପ୍ରେମ ସ୍ଥାପନ ହେବା ପରେ ହିଁ କରାଯାଏ ତେବେ ପୁଣି ତାକୁ ସେହି ସନ୍ତୁଷ୍ଟିରେ ମଧ୍ୟ ସନ୍ତୁଷ୍ଟତା ପ୍ରାପ୍ତ ହୋଇଥାଏ ଓ ସେହି ଆନନ୍ଦରେ ଆନନ୍ଦ ଅନୁଭବ ହୋଇଥାଏ । ଏପରି କି ତା' ପାଇଁ ପ୍ରକୃତ ଈଶ୍ୱରୀୟ ଜ୍ଞାନର ଦ୍ୱାର ଖୋଲିଦିଆଯାଏ ଓ ସେ ଏକ ଅନନ୍ତ ଏବଂ ଅବିସ୍ମରଣୀୟ ସନ୍ତୋଷରେ ପ୍ରବେଶ କରିଥାଏ ଯେଉଁଠାରେ ଶୁଦ୍ଧତା ଓ ପରିଷ୍କାରତା ବ୍ୟତିତ ଆଉ କିଛି ନଥାଏ । ସେହି ଆନନ୍ଦ ହେଉଛି ଐଶ୍ୱରୀୟ ଆନନ୍ଦ । ତାକୁ ହାସଲ କରିବାପାଇଁ ଚେଷ୍ଟା କର ଓ ପ୍ରାପ୍ତ କର କାରଣ ଏହା ହିଁ ପ୍ରକୃତ ଆନନ୍ଦ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୫-୧୯୬ ପ୍ରକାଶନ୨୦୧୮ କାଦିୟାନ)***

**ଇସ୍‌ଲାମ୍ ଯୁମା (ପବିତ୍ର ଶୁକ୍ରବାର) ଦିନଟିର ଏ ବିଶେଷତା ନିର୍ଦ୍ଧାରଣ କରିଛି କି ଏହି ଦିନଟିକୁ ଛୁଟିଦିନ ରୂପେ ପାଳନ କରାଯାଉ, ଅଧିକ ଉପାସନା କରାଯାଉ, ତାକୁ ଜାତୀୟ ଇଜ୍‌ତିମା (ସମ୍ମିଳନୀ)ର ଦିନରୂପେ ପାଳନ କରାଯାଉ, ଗାଧୁଆ ପାଧୁଆ ହେଉ, ସ୍ୱଚ୍ଛତା ଅବଲମ୍ବନ କରାଯାଉ, ରୋଗୀମାନଙ୍କର ସେବା ସୁଶୃସା କରାଯାଉ ଏବଂ ଏହି ଦିନ ଜାତୀୟ ସଂସ୍କୃତି କାମ କରାଯାଉ ।**

**ଯାମତ ଅହେମଦୀୟାର ପ୍ରତିଷ୍ଠାତାଙ୍କ ମେମୋରିୟଲ୍ ଏବଂ ଯମାତ୍ ଅହେମଦୀୟାର ଚେଷ୍ଟା ପରେ ଯୁମା ନମାଜ ନିମନ୍ତେ ସରକାର ଏକ ଘଂଟା ଛୁଟି ମଞ୍ଜୁର କରିଥିଲେ ।**

ଇହୁଦୀମାନଙ୍କର ସବତ୍ ଶନିବାର ଦିନ ପାଳନ ହେଉଥିଲା । ଶନିବାର ଦିନଟି ବାଇବେଲ୍‌ରୁ ଏହି କାର୍ଯ୍ୟ ପାଇଁ ପ୍ରମାଣିତ (ସେଥିପାଇଁ ତ ସବତ୍‌ର ଅର୍ଥ ହିଁ ଶନିବାର ହୋଇଗଲା । ନଚେତ ସବତ୍‌ର ଅସଲ ଅର୍ଥ ହେଉଛି ଏହା କି ଯେଉଁ ଦିନ ଦୈନନ୍ଦିନ କାର୍ଯ୍ୟକୁ ଛାଡ଼ି ଦିଆଯାଏ । ସେଥିଯୋଗୁଁ ଏହା କହିପାରିବା ଯେ ବନୁ ଇସ୍‌ରାଇଲ୍‌ର ସବତ୍ ଶନିବାର ଦିନ ପାଳନ କରାଯାଏ ଏବଂ ମୁସଲମାନମାନଙ୍କର ଯୁମା ଅର୍ଥାତ ଶୁକ୍ରବାର ଦିନ ।)...... ଇସାଇମାନେ ମଧ୍ୟ ସବତ୍‌ର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । କିନ୍ତୁ ତା'ପାଇଁ ରବିବାର ଦିନଟିକୁ ଧାର୍ଯ୍ୟ କରିଛନ୍ତି । ଏହାର କାରଣ ହେଉଛି ଏହା କି କେତେକ ୟୁରୋପୀୟ ଜାତି ଓ ସମ୍ରାଟମାନେ ଯେବେ ଇସାଇୟତ୍ ପ୍ରତି ଆଗ୍ରହ ପ୍ରକାଶ କଲେ, ସେତେବେଳେ ଇସାଇ ହେବାପାଇଁ ଗୋଟିଏ ସର୍ତ ଏହା ରଖିଲେ ଯେ ରବିବାର ଦିନଟିକୁ ଛୁଟିଦିନ ରୂପେ ପାଳନ କରାଯାଉ । ଅତଏବ୍ ସେମାନଙ୍କୁ ଇସାଇ ଧର୍ମରେ ଦିକ୍ଷିତ କରାଇବାର ଲୋଭରେ ପାଦ୍ରୀମାନେ ସେମାନଙ୍କର ଏହି ସର୍ତକୁ ଗ୍ରହଣ କରିନେଲେ । ଏହିଭଳି ଏମାନେ ସବତ୍ ଦିନର ଅସମ୍ମାନ କରିବାରେ ଇହୁଦୀମାନଙ୍କଠାରୁ ଆଗକୁ ବଳିଗଲେ । କାରଣ ଇହୁଦୀମାନେ ତ ସବତ୍ ଦିନ ବେଳେବେଳେ କୌଣସି ହିତ କାର୍ଯ୍ୟ କରିଦେଉଥିଲେ କିନ୍ତୁ ଇସାଇମାନେ ସବୁଦିନ ପାଇଁ ଶନିବାର ଦିନଟିକୁ କାମ କରିବାର ଦିନ ରୂପେ ଧାର୍ଯ୍ୟ କରିଦେଲେ ଓ ଆରମ୍ଭ କରିବା ପାଇଁ

## ନବୀ ସ:ଆ:ସଙ୍କ ବାଣୀ

ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନମାଜରେ ନିମ୍ନଲିଖିତ ଦୁଆ (ପ୍ରାର୍ଥନା) କରୁଥିଲେ ।

(832)عَنۡ عَائِشَۃَ زَوۡجِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ اَنَّ رَسُوۡلَ اللّٰہِ صَلَّی اللّٰہُ عَلَیۡہِ وَسَلَّمَ کَانَ یَدۡعُوۡ فِی الصَّلَاۃِ اَللّٰھُمَّ اِنِّیۡ اَعُوۡذُبِکَ مِنۡ عَذَابِ الۡقَبۡرِ وَاَعُوۡذُبِکَ مِنۡ فِتۡنَۃِ الۡمَسِیۡحِ الدَّجَّالِ وَاَعُوۡذُبِکَ مِنۡ فِتۡنَۃِ الۡمَحۡیَا وَفِتۡنَۃِ الۡمَمَاتِ اَللّٰھُمَّ اِنِّیۡ اَعُوۡذُبِکَ مِنَ الۡمَاۡثَمِ وَالۡمَغۡرَمِ فَقَالَ لَہٗ قَائِلٌ مَا اَکۡثَرَ مَاتَسۡتَعِیۡذُ مِنَ الۡمَغۡرَمِ فَقَالَ اِنَّ الرَّجُلَ اِذَا غَرِمَ حَدَّثَ فَکَذَبَ وَوَعَدَ فَاَخۡلَفَ۔

ଅର୍ଥାତ- ନବୀ ସ:ଆ:ସଙ୍କ ପତ୍ନୀ ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ନମାଜରେ (ତଶହୁଦ୍ ପାଠ ପରେ) ଏ ଦୁଆ କରୁଥିଲେ: ହେ ଅଲ୍ଲାଃ ! କବରର ଦଣ୍ଡରୁ ମୁଁ ତୁମର ଶରଣ ପଶୁଛି, ମସିହ୍ ଦଜ୍ଜାଲ୍‌ର ଫିତ୍‌ନା (ବିଭ୍ରାଟ)ରୁ ମଧ୍ୟ ମୁଁ ତୁମର ଶରଣ ଲୋଡ଼ୁଛି ଏବଂ ମୃତ୍ୟୁ ଏବଂ ଜୀବନର ଫିତ୍‌ନାରୁ ମଧ୍ୟ ତୁମର ଶରଣ ନେଉଛି । ହେ ଅଲ୍ଲାଃ ! ମୁଁ ପାପ ଏବଂ କରଜରୁ ମଧ୍ୟ ତୁମର ଶରଣ ନେଉଛି । କେହି ଜଣେ ଆପଣ ସ:ଆ:ସଙ୍କୁ କହିଲେ: ଆଶ୍ଚର୍ଯ୍ୟର କଥା ଯେ ଆପଣ ସ:ଆ:ସ କରଜଦାରୀରୁ ଅଧିକାଂଶ ସମୟ ଶରଣ ଭିକ୍ଷା କରୁଛନ୍ତି । ଏଥିରେ ଆପଣ ସ:ଆ:ସ କହିଲେ: ଯେବେ ମଣିଷ ଋଣୀ ହୋଇଯାଏ, ସେତେବେଳେ ନିଜ କଥାରେ ମଧ୍ୟ ମିଛୁଆ ହୋଇଯାଏ । ଯେବେ ସେ ପ୍ରତିଶୃତି ଦେଇଥାଏ ସେ ପ୍ରତିଶୃତିର ଖିଲାଫ୍ କରିଥାଏ ।

***(ସହି ବୁଖାରୀ ଖଣ୍ଡ-୨, କିତାବୁଲ୍ ଅଜାନ୍, ମୁଦ୍ରଣ କାଦିଆନ୍-୨୦୦୬)***

ରବିବାର ଦିନଟିକୁ ବାଛିନେଲେ । ଯଦି ଖୁଦାତାଲାଙ୍କ ନିର୍ଦ୍ଦେଶାନୁସାରେ ଏପରି କରାଯାଇଥାନ୍ତା ତେବେ କୌଣସି ଆପତି ନ ଥିଲା କିନ୍ତୁ ଏହା ଯାହା କିଛି ହେଲା ଖୁଦାଙ୍କ ନିର୍ଦ୍ଦେଶାନୁସାରେ ନ ହୋଇ ହଜ୍‌ରତ୍ ମସିହ ନାସିରି ଆ:ସଙ୍କ ଶହ ଶହ ବର୍ଷ ପରେ ହେଲା । ହଜ୍‌ରତ୍ ମସିହ୍ ନାସିରି ଖୁଦ୍ ସବତ୍ ଦିନଟିକୁ ସମ୍ମାନ କରୁଥିଲେ ଓ ଇହୁଦୀମାନଙ୍କ ମଧ୍ୟରେ ସବତ୍ ଦିନ ସମ୍ବନ୍ଧରେ ଯେଉଁ କୁପ୍ରଥା ପ୍ରଚଳନ ହୋଇଥିଲା, ତାହାର ସେ ବିରୋଧ ମଧ୍ୟ କରୁଥିଲେ । ତେଣୁ ସେ କହୁଛନ୍ତି "ସବତ ଦିନଟି ମଣିଷ ପାଇଁ ନା କି ମଣିଷ ସବତ ଦିନ ପାଇଁ" (ମରକସ୍ ବାବ୍ -୨, ଆୟତ ନଂ-୨୭) ଏହାର ଅର୍ଥ ହେଉଛି ଯଦି କେବେ ଆବଶ୍ୟକ ପଡ଼େ ତେବେ ସେଥିରେ ସବତ୍‌ର ନିର୍ଦ୍ଦେଶବଳିଗୁଡ଼ିକୁ ଅଣଦେଖା କରାଯାଇପାରେ । ଧର୍ମ କାର୍ଯ୍ୟରେ ସବତ୍ ବାଧା ସୃଷ୍ଟି କରିପାରିବ ନାହିଁ । ଇହୁଦୀମାନଙ୍କ ମଧ୍ୟରେ ଏହି ବ୍ୟର୍ଥ ଭାବନା ସୃଷ୍ଟି ହୋଇଯାଇଥିଲା ଯେ ସବତ୍ ଦିନ ତବ୍‌ଲିଗ୍ କରିବା, ଉପଦେଶ ଦେବା ଏବଂ ଅନ୍ୟାନ୍ୟ ପୂଣ୍ୟକର୍ମ କରିବା ମଧ୍ୟ ଅନୁଚିତ । ଯେବେକି ସବତ୍ ଦିନ ତ କେବଳ ସାଂସାରିକ କାର୍ଯ୍ୟ କରିବାକୁ ବାରଣ କରାଯାଇଥିଲା.......... କେତେକ ଲେଖକ ଏକଥା ଲେଖିଛନ୍ତି ଯେ ରବିବାର ଦିନ ଇସାଇମାନେ ସବତ୍ ପାଳନ କରିବା ଏଥିଯୋଗୁଁ ଆରମ୍ଭ କରିଥିଲେ କି ଅଣଇହୁଦୀ କୌମ୍‌ଗୁଡ଼ିକ ମଧ୍ୟରେ ତାଙ୍କର ବିରୋଧ ନ ହେଉ । ବର୍‌ନବାସ୍‌ର ଚିଠିରେ ଏହାର କାରଣ ଏମିତି ଉଲ୍ଲେଖ ଅଛି ଯେ ମସିହ୍ ସେହିଦିନ ମୃତଲୋକଙ୍କ ଗହଣରୁ ଜୀବିତ ହୋଇ ଉଠିଥିଲେ । (ଜେୱିଶ୍ ଏନ୍‌ସାଇକ୍ଲୋପିଡ଼ିଆ, ଖଣ୍ଡ-୧୦) । ଯାହା ବି କିଛି କାରଣ ଥାଉ ପଛକେ ଏହା ହଜ୍‌ରତ୍ ମୁସା ଆ:ସଙ୍କ ଶିକ୍ଷାର ବିରୁଦ୍ଧ ଥିଲା । ଇସ୍‌ଲାମ୍ ମଧ୍ୟ ସବତ୍‌ର ଗୋଟିଏ ଦିନ ଧାର୍ଯ୍ୟ କରିଛି । ତାହା ହେଉଛି ଯୁମା ଦିନ । ଯୁମା ଦିନଟିକୁ ମୁସଲମାନମାନେ କୌଣସି ଆନୁମାନିକ ଅନୁସାରେ ନିର୍ଦ୍ଧାରଣ କରିନାହାନ୍ତି ବରଂ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ମୁତାବକ ଧାର୍ଯ୍ୟ କରିଛନ୍ତି । ତେଣୁ ତାଙ୍କ ଉପରେ କୌଣସି ଆପତି ଅଭିଯୋଗ ହେବନାହିଁ ଯେମିତି ଇସାଇମାନଙ୍କ ଉପରେ ହୋଇଥାଏ ।

ଇସ୍‌ଲାମ୍ ଯୁମା ଦିନର ବିଶେଷତା ଏପରି ରଖିଛି ଯେ ଏହି ଦିନଟକୁ ଛୁଟିଦିନ ଭାବେ ପାଳନ କରାଯାଉ, ଏଥିରେ ଅଧିକ ଉପାସନା କରାଯାଉ, ଏହାକୁ ଜାତୀୟ ସମ୍ମିଳନୀର ଦିନ ରୂପେ ପାଳନ କରାଯାଉ, ଏହି ଦିନ ଗାଧୁଆ ପାଧୁଆ କରି ସ୍ୱଚ୍ଛତା ଅବଲମ୍ବନ କରାଯାଉ । ରୋଗୀମାନଙ୍କର ସେବା କରାଯାଉ ଏବଂ ଏହି ଦିନ ଜାତୀୟ ଏବଂ ସାଂସ୍କୃତିକ କାର୍ଯ୍ୟ ସମ୍ପାଦନ ହେଉ । ହଁ ଯୁମା ନମାଜ ପାଠ କରିବା ପରେ ଏ ଅନୁମତି ମିଳିଛି ଯେ ଲୋକମାନେ ଯାଇ ନିଜ ନିଜର କାମଧନ୍ଦାରେ ଲାଗିଯାଆନ୍ତୁ । କିନ୍ତୁ ଏଥିପ୍ରତି ଅଧିକା ଧ୍ୟାନ ଦିଆଯାଇଅଛି ଯେ ଯୁମା ପରେ ମଧ୍ୟ ସେମାନେ ଜିକ୍‌ରେ ଇଲାହୀ (ଅଲ୍ଲାଃଙ୍କ ସ୍ତୁତିଗାନ)ରେ ମଜ୍ଜି ରହନ୍ତୁ ।

ବଡ଼ ଦୁଃଖର କଥା ହେଉଛି ଏହା କି ମୁସଲମାନମାନେ ମଧ୍ୟ ସବତ୍‌ର ସମ୍ମାନ ଜାଣିଲେ ନାହିଁ । ବହୁତ କାଳ ହେଲା ବଡ଼ ବଡ଼ ସହରକୁ ଛାଡିଦେଲେ ଯୁମା ନମାଜ ହିନ୍ଦୁସ୍ତାନରୁ ସମ୍ପୁର୍ଣ୍ଣରୂପେ ଉଠିଗଲାଣି । ଏବେ କିଛିଟା ଏଥିପ୍ରତି ଆଗ୍ରହ ଦେଖାଗଲାଣି କିନ୍ତୁ ଏବେ ମଧ୍ୟ ଶହେ ଜଣରୁ ଜଣେ ମୁସଲମାନ କେବଳ ଯୁମା ନମାଜ ପଢ଼ିବାକୁ ପ୍ରସ୍ତୁତ ନାହିଁ । ***ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*** ସରକାର ବହୁତ କଷ୍ଟରେ ଯମାତ୍‌ର ପ୍ରତିଷ୍ଠାତାଙ୍କ ମେମୋରିୟଲ୍ ଏବଂ ଯମାତ୍ ଅହେମଦୀୟାର ପ୍ରଚେଷ୍ଟା ପରେ ଯୁମା ନମାଜ ପଢ଼ିବା ନିମନ୍ତେ ଏକ ଘଂଟା ଛୁଟି ଦେବାପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । କିନ୍ତୁ ଦୁଃଖର ବିଷୟ ମୁସଲମାନମାନେ ଏବେ ମଧ୍ୟ ସେଥିରୁ ଲାଭ ଉଠାଉନାହାନ୍ତି । କିଛି ସ୍ଥାନରେ ତ ଅନ୍ୟ ମୁସଲମାନମାନେ ସରକାରୀ ଅଫିସରମାନଙ୍କୁ ଏକଥା କହି ଦେଉଛନ୍ତି ଯେ ଯୁମା ନମାଜ ପଢ଼ିବା ପାଇଁ ଛୁଟି ଦରଖାସ୍ତ ଦେବା କେବଳ ଅହେମଦୀମାନଙ୍କର ଦୁଷ୍ଟାମି । ଆମ୍ଭେମାନେ ଏଥିରେ ସାମିଲ ନାହୁଁ

***(ତଫ୍‌ସିର୍ କବୀର, ଖଣ୍ଡ-୧, ପୃ-୪୯୭-୪୯୮.....୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସେ ପୁଣି ମତେ ଏ ଉପଦେଶ ଦେଲେ ଯେ, ନିୟମିତ ନମାଜ ପାଠ କରନ୍ତୁ । ଅତଏବ ଏହି ସ୍ୱପ୍ନ ଦେଖିବା ପରେ ମୁଁ ନମାଜ ପଢ଼ିବାପାଇଁ ନିୟମିତ ଚେଷ୍ଟା କରୁଛି । ଦିନେ ମୁଁ କେବୁଲ୍ ଚ୍ୟାନେଲ୍‌ରେ ଚ୍ୟାନେଲ୍‌ଗୁଡ଼ିକ ଖୋଜୁଥିଲି ଯେ, ମୋ ନଜର ଏମ୍‌ଟିଏ ଆଫ୍ରିକା ଚ୍ୟାନେଲ ଉପରେ ପଡ଼ିଲା ଓ ମୁଁ ଦେଖିବାକୁ ପାଇଲି ଯେ, ସେହି ଧଳା ଦାଢ଼ି ରଖିଥିବା ବ୍ୟକ୍ତି ଜଣକ ଲେକ୍‌ଚର ଦେଉଛନ୍ତି । ଏହିଭଳି ମତେ ଯମାତ୍ ବିଷୟରେ ଏମ୍‌ଟିଏ ଦ୍ୱାରା ସୁଚନା ମିଳିଲା କିନ୍ତୁ ଏକଥା ଜଣାନଥିଲା ଯେ, କାମେରୁନ୍ ଦେଶରେ ଏ ଯମାତ୍ ଅଛି ନା ନାହିଁ । ତେବେ ଏହି ପାମ୍ପଲେଟ୍ ଜରିଆରେ ଯୋଗାଯୋଗ ହୋଇଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ସୁତରାଂ ମୁଅଲ୍ଲିମ୍ ସାହେବ ତାଙ୍କୁ ତବ୍‌ଲିଗ୍ କଲେ । ତାଙ୍କୁ ମୋ ବିଷୟରେ ଅବଗତ କରାଇଲେ ଯେ, ଇଏ ହେଉଛନ୍ତି ଆମ ଖଲିଫା । ଏହା ଶୁଣିବା ପରେ ସେ ଏକଥା କହିଲେ ଯେ, ଯେଉଁ ବ୍ୟକ୍ତି ଜଣକ ମତେ ସ୍ୱପ୍ନରେ ଉପଦେଶ ଦେଉଥିଲେ ସେ ମିଥ୍ୟାବାଦି ହୋଇପାରିବେନାହିଁ । ନିଶ୍ଚିତରୂପେ ସେ ଈଶ୍ୱରଙ୍କ ତରଫରୁ ଓ ତାହାଙ୍କ କାର୍ଯ୍ୟ ସାଧନ ନିମନ୍ତେ ନିୟୋଜିତ ହୋଇଛନ୍ତି । ମୁଅଲ୍ଲିମ୍ ସାହେବ୍ ତାଙ୍କୁ ବତାଇଲେ ଯେ, ଆପଣଙ୍କ ସହର ବାନିଓରେ ଆମର ଯମାତ୍ ଅଛି ଓ ସେଠାରେ ଆମର ଜରେ ବନ୍ଧୁ ଆଦମୋ ସାହେବ୍ ଅଛନ୍ତି ସେ ହେଉଛନ୍ତି ଆମର ସଦର୍ ଯମାତ୍ ଆପଣ ତାଙ୍କ ସହିତ ଯୋଗାଯୋଗ କରନ୍ତୁ । ଏଥିରେ ସେ ମହାଶୟ ସଦର ଯମାତ୍‌ଙ୍କ ସହିତ ଯୋଗାଯୋଗ କଲେ ଓ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ । ଏବେ ଅଲ୍ଲାଃ ତାଲାଙ୍କ କୃପାରୁ ସେ ନିୟମିତ ନମାଜ ପଢୁଛନ୍ତି ଓ ଏମ୍‌ଟିଏ ମଧ୍ୟ ଦେଖୁଛନ୍ତି ଏବଂ ନିଜର ଜ୍ଞାନ ଓ ବିଶ୍ୱାସର ବୃଦ୍ଧି ମଧ୍ୟ କରୁଛନ୍ତି ।

⁎ ପୁଣି ଅମୀର ସାହେବ୍ ତାନ୍‌ଜାନିୟା ଗୋଟିଏ ଘଟଣା ଲେଖୁଛନ୍ତି ଯେ ଲଣ୍ଡି ସହରରେ, ଯେଉଁଠି ୧୯୪୮ ମସିହାରେ ବିରୋଧିମାନଙ୍କ ତରଫରୁ ମୁବଲ୍ଲିଗ୍ ସାହେବ ଯନାବ୍ ମୌଲାନା ଫଜଲ୍ ଏଲାହି ବଶିର୍ ସାହେବଙ୍କ ସହିତ ଅଭଦ୍ର ବ୍ୟବହାର କରାଯାଇ ସେଠାରୁ ତାଙ୍କୁ ବାହାର କରାଯାଇଥିଲା । ଏବେ ସେହି ସହରର ଦୁଇଟି ସ୍ଥାନିୟ ରେଡ଼ିଓ ଷ୍ଟେସନ୍‌ରେ ସାପ୍ତାହିକ ଯମାତି ପ୍ରୋଗ୍ରାମ ପ୍ରସାରଣ କରାଯାଉଅଛି । ତତ୍‌ସହିତ ଅହେମଦୀୟା ରେଡ଼ିଓରେ ୨୪ ଘଂଟା ପ୍ରସାରଣ ଚାଲିଛି । ଏହି ପ୍ରୋଗ୍ରାମ ଯୋଗୁଁ ଲଣ୍ଡି ସହରର ବଡ଼ ମସ୍‌ଜିଦ୍‌ର ଇମାମଙ୍କ ପୁତ୍ର ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି । ସେ ମହାଶୟ ଅନେକ ମଦର୍‌ସାରୁ ପାଠ ପଢ଼ିଛନ୍ତି ଓ ବହୁତ ସୁନ୍ଦର ତିଲାଓ୍ୱତ୍ ମଧ୍ୟ କରିଛନ୍ତି । ଯମାତ୍ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ରହିଛି । ତାଙ୍କ ବ୍ୟତିତ ଆଉ ଗୋଟିଏ ମସ୍‌ଜିଦ୍‌ର ଇମାମ୍ ଏବେ ଏବେ ବୟତ କରିଛନ୍ତି । ଅମୀର ସାହେବ କହୁଛନ୍ତି:- ଏହି ଦୁଇଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଯୋଗୁଁ ଆହୁରି ୫୦ ଜଣ ବୟତ କରି ଅହେମଦୀ ହୋଇଛନ୍ତି । ଲଣ୍ଡି ସହରର ଅବସ୍ଥା ଯେ ଯଦି ଏକଥା କିଏ କହେ କି ଅହେମଦୀମାନେ ହେଉଛନ୍ତି କାଫିର୍ (ଅର୍ଥାତ ଅବିଶ୍ୱାସକାରୀ) ତାହେଲେ ସେ ଇଲାକାର ଲୋକମାନେ ତାକୁ ସଠିକ୍ ଉତର ଦେବାପାଇଁ ପ୍ରସ୍ତୁତ ଅଛନ୍ତି । ସେ ଅହେମଦୀ ହୁଅନ୍ତୁ ବା ନ ହୁଅନ୍ତୁ । ଗୋଟିଏ ଯାମେ ମସ୍‌ଜିଦ୍‌ର ମୌଲବୀ ସାହେବ କହିଲେ ଯେ ଅହେମଦୀମାନଙ୍କ ସହିତ ଛେଡ଼ଖାନି କରନାହିଁ । ସେମାନଙ୍କର ଜ୍ଞାନ ଆମଠାରୁ ବହୁତ ଅଧିକ । ଆମର ବଡ଼ ବଡ଼ ଓ୍ୱଲେମାମାନେ ସେ କଥା ଜାଣିନାହାନ୍ତି ଯାହା ଅହେମଦୀମାନଙ୍କର ସାଧାରଣ ମୌଲବୀ ଜାଣିଛନ୍ତି ।

⁎ ପୁଣି ନାଇଜେରିଆ ଦେଶର ଏକ ଘଟଣା (ଇଜିବୁ) ସର୍‌କିଟ୍‌ର ଉମୁଠାରେ ଜଣେ ଦାଇ ଇଲଲ୍ଲାହ୍ ମୁବାରକ୍ ସାହିବ ମୋର ଖୁତ୍‌ବା ଯୁମାକୁ ସିଧାପ୍ରସାରଣ ଦେଖିବା ଆରମ୍ଭ କଲେ । ମୋ ଖୁତ୍‌ବା ଶୁଣି ସେ ନିଜର ସଂକ୍ଷିପ୍ତ ଖୁତ୍‌ବା ଦେଲେ । ଜଣେ ଗଏର୍ ଅହେମଦୀ ବନ୍ଧୁ ଯାମିଉ ସାହେବ୍ ଯିଏ ଆମ ମସ୍‌ଜିଦ୍‌କୁ ଯୁମା ପଢ଼ିବାପାଇଁ ଆସନ୍ତି, ସେ ଏହା ଦେଖି ଆପତି କଲେ ଯେ ଏହା ହେଉଛି ବିଦତ୍ (କୁପ୍ରଥା) । ଇସ୍‌ଲାମୀୟ ପ୍ରଥା ନୁହେଁ । ଆମେ ତ ଯୁମା ପଢ଼ିବାକୁ ଆସୁଛୁ । ଏବେ ଯମାତ୍ ଆହେମଦୀୟା ଟିଭି ମାଧ୍ୟମରେ ଯୁମା ପଢ଼ିଲାଣି । ଏହିଭଳି ଆପତି କରିବାକୁ ଲାଗିଲେ । ତାଙ୍କୁ ବୁଝାଗଲା ଯେ ଆମେ ଯୁମା ଏଭଳି ପଢୁନାହୁଁ । ଖୁତ୍‌ବା ଶୁଣୁଛୁ । ତେଣୁ ଆପଣ ପ୍ରଥମେ ଖୁତ୍‌ବା ଶୁଣି ତ ଦେଖନ୍ତୁ । ଏଥିରେ ସେ ଖୁତ୍‌ବାଗୁଡ଼ିକ ଶୁଣିବା ଆରମ୍ଭ କରିଦେଲେ । ଏବେ କିଛି ଦିନ ପୂର୍ବେ ସେହି ମହାଶୟ ସପରିବାର ଆସି ବୟତ କରିଛନ୍ତି । ସେ କହୁଥିଲେ ଯେ ଖଲିଫତୁଲ୍ ମସିହଙ୍କ ଖୁତ୍‌ବାଗୁଡ଼ିକ ମତେ ଦୋହଲାଇ ରଖିଦେଲା । ଆଜି ଯଦି ଇସ୍‌ଲାମୀୟ ଶିକ୍ଷା କାହା ପାଖରେ ଥାଏ ତେବେ ତାହା ଖଲିଫତୁଲ୍ ମସିହଙ୍କ ନିକଟରେ ଅଛି । ଯେଉଁଭଳି ଖଲିଫା ସାହେବ୍ ନିଜର ଖୁତ୍‌ବା ଓ ଅଭିଭାଷଣ ଜରିଆରେ ମୁସଲମାନମାନଙ୍କର ଉନ୍ନତି ପାଇଁ ଓ ସେମାନଙ୍କର ମାର୍ଗଦର୍ଶନ କରାଉଛନ୍ତି, ଏପରି ଲାଗୁଛି ଯେ ଆମ ମନ ଭିତରର ସମସ୍ତ ଅନ୍ତର କଥା ତାଙ୍କ ନିକଟରେ ଅଛି । ଏହା ନିଶ୍ଚିତରୂପେ ଅଲ୍ଲାଃତାଲାଙ୍କ ତରଫରୁ ମାର୍ଗଦର୍ଶନ ଅଟେ । ଏବେ ମୁଁ ମୋ ସ୍ତ୍ରୀ ପିଲାଙ୍କ ସହିତ ସପରିବାର ଯମାତ୍ ଅହେମଦୀୟାରେ ସାମିଲ ହୋଇ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ଛତ୍ରଛାୟା ତଳେ ନିଜ ଜୀବନ ବିତାଇବାକୁ ଚାହୁଁଅଛି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ମୁଁ ତୁମମାନଙ୍କ ଅସୁବିଧା ଯୋଗୁଁ ଭୟ କରୁନାହିଁ ବରଂ ମୁଁ ଏକଥା ପାଇଁ ଭୟ କରୁଛି ଯେ ଏ ସଂସାରର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଧନ ଦଉଲତ ତୁମମାନଙ୍କ ସକାଶେ ଉନ୍ମୁକ୍ତ ହୋଇଯିବା ଯୋଗୁଁ ତୁମେ ଈର୍ଷା ପରାୟଣ ହୋଇନଯାଅ । (ହଦିସ୍)

ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ ର:ଅ ହଜ୍‌ରତ୍ ଅବୁ ବକରଙ୍କ ତବ୍‌ଲିଗ୍ ଦ୍ୱାରା ମୁସଲମାନମାନଙ୍କ ଦାରେ ଅର୍‌କମ୍‌ଠାରେ ଶରଣ ନେବା ପୂର୍ବରୁ ନଅ ନମ୍ବରରେ ଇସ୍‌ଲାମ୍ ଗ୍ରହଣ କରିଥିଲେ ।

ଦଶ ହିଜ୍‌ରି, ହୁଜତୁଲ୍ ୱିଦା ଅବସରରେ ହଜ୍‌ରତ୍ ଅବୁ ଉବୈଦାଃ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହଜ୍ କରିଥିଲେ ।

ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ ର:ଅଙ୍କ ଇତାଅତ୍ ଅର୍ଥାତ ଆଜ୍ଞାନୁବର୍ତ୍ତିତା ସମ୍ବନ୍ଧରେ ଶୁଣିଲେ, କହିଲେ **ରହିମହୁଲ୍ଲାହୁ ଆବା ଉବୈଦାଃ** ଅର୍ଥାତ- ଅବୁ ଉବୈଦାଃଙ୍କ ଉପରେ ଅଲ୍ଲାଃଙ୍କ କୃପା ହେଉ ଯେ ସେ ଇତାୟତ୍‌ର ମର୍ଯ୍ୟାଦା ସ୍ଥାପନ କରିଛନ୍ତି ।

**ଅମିନୁଲ୍ ଉମ୍ମତ, ଅଶ୍‌ରା ମୁବଶରାଃର ସୁସମ୍ବାଦ ପାଇଥିବା ହଜ୍‌ରତ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ମହାନତମ ବଦ୍‌ରି ସାହାବି ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।**

ଆମେ ପୂର୍ବରୁ ମଧ୍ୟ ଏହିଭଳି ଦୁଃଖ କଷ୍ଟରେ ଦିନ କାଟିଛୁ, ଏବେ ମଧ୍ୟ ଇନ୍‌ଶାଅଲ୍ଲାଃ ଅଲ୍ଲାଃଙ୍କ ସାହାଯ୍ୟରେ ଦିନ କାଟିଦେବୁ କିନ୍ତୁ ଯଦି ଏହି (ବିରୋଧି) ନ ସୁଧୁରିବେ ତାହେଲେ ଧ୍ୱଂସ ନିଶ୍ଚିତ ।

ଅହେମଦୀ ବିରୋଧି ଲୋକମାନଙ୍କୁ ସତର୍କ ଏବଂ ପାକିସ୍ତାନୀ ଅହେମଦୀମାନଙ୍କୁ ଅଲ୍ଲାଃଙ୍କ ସହିତ ସମ୍ପର୍କର ଡ଼ୋରୀକୁ ଅଧିକ ମଜ୍‌ଭୁତ୍ କରିବାପାଇଁ ଦୁଆ କରିବାକୁ ଉପଦେଶ

ଆଁ ହଜ୍‌ରତ୍ ସ:ଆ:ସ କହିଲେ- ମୁଁ ନିଶ୍ଚିତରୂପେ ତୁମ ସହିତ ଏପରି ଜଣେ ଅମୀନ୍ ବ୍ୟକ୍ତିଙ୍କୁ ପ୍ରେରଣ କରିବି ଯିଏ ଏହାର ହକ୍‌କୁ ପ୍ରଦାନ କରିବ । ପୁଣି ଆପଣ ସ:ଆ:ସ ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ ର:ଅଙ୍କ ହାତକୁ ଧରି କହିଲେ **ହାଜା ଅମିନୁ ହାଜିହିଲ୍ ଉମ୍ମତି** ଅର୍ଥାତ ଇଏ ଆମ ଉମ୍ମତ୍‌ର ଅମୀନ୍ ଅଟନ୍ତି ।

ଦେଖ ! ଯେବେ ତୁମେମାନେ ଶତ୍ରୁଙ୍କ ଉପରେ ବିଜୟ ପ୍ରାପ୍ତ କରିବ, ସେତେବେଳେ କୌଣସି ପିଲା, ବୁଢ଼ା ଏବଂ ମହିଳାଙ୍କୁ ହତ୍ୟା କରିବ ନାହିଁ । କୌଣସି ପଶୁଙ୍କୁ ମାରିବ ନାହିଁ । ପ୍ରତିଶୃତି ଭଙ୍ଗ କରିବ ନାହିଁ । ସନ୍ଧି କରିବା ପରେ ତାକୁ ନିଜ ଆଡୁ ଭାଙ୍ଗିବା/ଉଲ୍ଲଙ୍ଘନ୍ କରିବ ନାହିଁ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୦୨ ଅକ୍ଟୋବର ୨୦୨୦ ଅନୁଯାୟୀ ୦୨ ଇଖା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବଦରୀ ସାହାବଙ୍କ ଜୀବନୀ ଚର୍ଚ୍ଚାରେ ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଲେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହଙ୍କ ନାମ ଆମୀର ବିନ୍ ଅବ୍‌ଦୁଲ୍ଲାଃ ଥିଲା ଏବଂ ତାଙ୍କ ପିତାଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ଜର୍‌ରାହ ଥିଲା । ସେ ନିଜ କୁନିୟତ ଯୋଗୁଁ ସୁପ୍ରସିଦ୍ଧ ଥିଲେ କିନ୍ତୁ ତାଙ୍କର ସଂଜ୍ଞା ତାଙ୍କର ପିତାମହ ଜର୍‌ରାହଙ୍କ ସହିତ ଯୋଡ଼ି ହୋଇଥିବା ଯୋଗୁଁ ସେ ଏପରି ନାମିତ ହୋଇଥିଲେ । ଆପଣଙ୍କ ମାତାଙ୍କ ନାମ ଉମୈମା ବିନ୍‌ତେ ଗନମ୍ ଥିଲା ଏବଂ ଆପଣଙ୍କ ସମ୍ପର୍କ କୁରୈଶ୍‌ର ବନୁ ହାରିସ୍ ବିନ୍ ଫିହର୍ ଗୋଷ୍ଠୀ ସହିତ ଥିଲା ।

*(ଅଲ୍‌ଅସାବାଃ..... ଖଣ୍ଡ-୩, ପୃ-୪୭୫....... ବେରୁତ ଲେବ୍‌ନାନ୍ ୨୦୦୫)*

ସେ ଅଧିକ ଉଚ୍ଚତା ମଣିଷ ଥିଲେ । ଦୁର୍ବଳ ଶରୀର ବ୍ୟକ୍ତି ଥିଲେ ଏବଂ ତାଙ୍କ ଗାଲରେ ମାଂସ ଖୁବ୍ କମ୍ ଥିଲା । ଓ୍ୱହଦ୍ ଯୁଦ୍ଧ ଅବସରରେ ହଜୁର ସ:ଆ:ସଙ୍କ ଗାଲରେ ଫସି ରହିଥିବା ଶିରସ୍ତ୍ରାଣର ଲୁହାଖଣ୍ଡକୁ ବାହାର କରିବାରେ ତାଙ୍କର ସମ୍ମୁଖର ଦନ୍ତ ଭାଙ୍ଗି ଯାଇଥିଲା । ତାଙ୍କର ଦାଢ଼ି ଅଧିକ ଘନ ନଥିଲା ଏବଂ ସେ ନିଜ ଦାଢ଼ିକୁ ରଙ୍ଗ ଲେପନ କରୁଥିଲେ ।

*(ସିରସ୍ ସାହାବା...... ଖଣ୍ଡ-୨, ପୃ-୧୩୫...... କରାଚି)*

ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଏକାଧିକ ବିବାହ କରିଥିଲେ କିନ୍ତୁ ତନ୍ମଧ୍ୟରୁ କେବଳ ଦୁଇ ପତ୍ନୀଙ୍କଠାରୁ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥିଲା । ତାଙ୍କର ଦୁଇଟି ପୁତ୍ର ଥିଲେ, ଗୋଟିକର ନାମ ୟଜିଦ୍ ଓ ଅନ୍ୟ ପୁତ୍ରର ନାମ ଉମୈର୍ ଥିଲା ।

*(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୪୧୧)*

ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ସେହି ଦଶଜଣ ସାହାବଙ୍କ ମଧ୍ୟରୁ ଜଣେ ଥିଲେ, ଯାହାଙ୍କୁ ହଜୁର ସ:ଆ:ସ ସେମାନଙ୍କ ଜୀବନକାଳ ମଧ୍ୟରେ ହିଁ ବୈକୁଣ୍ଠବାସୀ ହେବାର ସୁଭସମ୍ବାଦ ପ୍ରଦାନ କରିଥିଲେ । ଯେଉଁମାନଙ୍କୁ ଅସ୍‌ରା ମୁବ୍‌ଶିରା ବୋଲି କୁହାଯାଏ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୨୨.......... ବେରୁତ ୨୦୦୩)*

ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହଙ୍କ ଗଣନା କୁରୈଶ୍‌ର ସେହି ମାନ୍ୟଗଣ, ନିଷ୍ପାପର ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଥାଏ ।

*(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୪୭୭.......... ବେରୁତ ଲେବାନନ୍ ୨୦୦୫)*

ଯେତେବେଳେ ମୁସଲମାନମାନେ ଦାରେ ଅର୍‌କମ୍‌ଠାରେ ଆଶ୍ରୟ ନେଇନଥିଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ତବ୍‌ଲିଗ୍ ଫଳରେ ହଜ୍‌ରତ୍ ଅବୁ ଉବୈଦା ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଥିଲେ । ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ନବମ ବ୍ୟକ୍ତି ଥିଲେ ।

*(ଅଶ୍ରାଃ ମୁବଶରାଃ...... ପୃ-୭୯୮...... ଲାହୋର ୨୦୦୦)*

*(ସିରସ୍ ସାହାବା...... ଖଣ୍ଡ-୨, ପୃ-୧୨୪...... କରାଚି)*

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି ଯେ: ରସୁଲୁଲ୍ଲାଃ ସ:ଆ:ସ କହିଲେ ପ୍ରତ୍ୟେକ ଉମ୍ମତର ଜଣେ ଅମୀନ୍ ଥାଏ ଅର୍ଥାତ ସନ୍ତକରକ୍ଷକ ଏବଂ ମୋ ଉମ୍ମତରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ସେହି ଅମୀନ୍ ଅଟନ୍ତି ।

*(ସହି ବୁଖାରୀ.... ହଦିସ୍ ନଂ-୩୭୪୪)*

ଏକ ଅବସରରେ ହଜୁର ସ:ଆ:ସ ଅବୁ ଉବୈଦାଙ୍କୁ ହାତ ଧରି କହିଲେ: **ହାଜା ଅମିନୁ ହାଜିହିଲ୍ ଉମ୍ମତି** ଅର୍ଥାତ ଏ ହେଉଛନ୍ତି ଏହି ଉମ୍ମତର ଅମୀନ୍ ।

*(ସହି ବୁଖାରୀ.... ହଦିସ୍ ନଂ-୩୭୪୫)*

*(ସହି ମୁସ୍‌ଲିମ୍...... ହଦିସ୍ ନଂ-୨୪୧୯-୨୪୨୦)*

ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସ କହିଲେ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ, ହଜ୍‌ରତ୍ ଉସୈଦ୍ ବିନ୍ ହୁଜୈର୍, ସାବିଦ୍ ବିନ୍ କୈସ୍ ବିନ୍ ସମାସ, ମୁଆଜ୍ ବିନ୍ ଜବଲ୍ ଏବଂ ହଜ୍‌ରତ ମୁଆଜ୍ ବିନ୍ ଉମ୍‌ରୋ ବିନ୍ ଯମୁହ୍ ଆଦି ସାହାବାମାନେ କେତେ ଉତମ ବ୍ୟକ୍ତି ଅଟନ୍ତି *(ଯାମେ ତିର୍‌ମିଜ୍....... ହଦିସ୍ ନହ-୩୭୯୫)* । ଅର୍ଥାତ ହଜୁର ସ:ଆ:ସ ଏମାନଙ୍କର ଭୁରି ଭୁରି ପ୍ରଶଂସା କରିଥିଲେ ।

ଏକଦା ହଜ୍‌ରତ୍ ଆଇଶା ର:ଅଙ୍କୁ ପ୍ରଶ୍ନ କରାଗଲା ଯେ, ହଜୁର ସ:ଆ:ସ ନିଜ ମୃତ୍ୟୁପରେ ଯଦି କୌଣସି ବ୍ୟକ୍ତିଙ୍କୁ ଖଲିଫାରୂପେ ମନୋନୀତ କରିଥାନ୍ତେ ତେବେ କାହାକୁ ମନୋନୀତ କରିଥାନ୍ତେ । ପ୍ରତିଉତରରେ ହଜ୍‌ରତ୍ ଆଇଶା ର:ଅ କହିଲେ, ହଜ୍‌ରତ୍ ଅବୁବକର ର:ଅଙ୍କୁ । ଲୋକମାନେ ପୁନଶ୍ଚ ପଚାରିଲେ ଯେ, ହଜ୍‌ରତ୍ ଅବୁବକର ର:ଅଙ୍କ ଅନ୍ତେ କାହାକୁ ଖଲିଫାରୂପେ ମନୋନୀତ କରିଥାନ୍ତେ । ହଜ୍‌ରତ୍ ଆଇଶା ର:ଅ ଉତର ଦେଲେ ହଜ୍‌ରତ୍ ଉମର୍ ର:ଅଙ୍କୁ । ସେହି ଲୋକମାନେ ପୁନଶ୍ଚ ପଚାରିଲେ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ପରେ ହଜୁର ସ:ଆ:ସ କାହାକୁ ଖଲିଫା ରୂପେ ମନୋନୀତ କରିଥାନ୍ତେ । ହଜ୍‌ରତ୍ ଆଇଶା ର:ଅ ଉତର ଦେଲେ, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ।

*(ସହି ମୁସ୍‌ଲିମ୍........ ହଦିସ୍-୨୩୮୫)*

ତେବେ ହଜ୍‌ରତ୍ ଆଇଶା ର:ଅଙ୍କ ଦୃଷ୍ଟିରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ପାଇଁ ଏତେ ମର୍ଯ୍ୟାଦା ରହିଥିଲା କି ସେ କହୁଥିଲେ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗ ବେଳେ ଯଦି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଜୀବିତ ଥାନ୍ତେ ତାହେଲେ ସେ ହିଁ ଖଲିଫା ହୋଇଥାନ୍ତେ ।

*(ସିରତ୍ ଖାତ୍‌ମୁନ୍ ନବିୟିନ୍........... ପୃ-୧୨୩)*

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମ୍‌ର ର:ଅ ନିଜ ଦେହାନ୍ତ ସମୟରେ କହିଲେ, ଯଦି ଆଜି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଜୀବିତ ଥାନ୍ତେ ତେବେ ମୁଁ ତାଙ୍କୁ ମୁସଲମାନମାନଙ୍କୁ ଖଲିଫା ଭାବରେ ମନୋନୀତ କରିଦେଇଥାନ୍ତି ଏବଂ ଯଦି ଏହି ପ୍ରସଙ୍ଗରେ ମୋ ପାଳନକର୍ତା ମତେ ପ୍ରଶ୍ନ କରିଥାନ୍ତି କି କାହିଁକି ତାଙ୍କ ନାମାଙ୍କନ କଲ ତେବେ ମୁଁ କହିଥାନ୍ତି କି ମୁଁ ତୁମ ନବୀ ଶ୍ରେଷ୍ଠଙ୍କଠାରୁ ଶୁଣିଛି ଯେ, ଅବି ଉବୈଦା ର:ଅ ଏହି ସମ୍ପ୍ରଦାୟର ଅମୀନ୍ ତେଣୁ ମୁଁ ଏପରି କଲି ।

*(ତବକାତୁଲ୍....... ଖଣ୍ଡ-୩, ପୃ-୩୧୫.......... ଲେବ୍‌ନାନ୍ ୨୦୧୨)*

ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ବିଶ୍ୱାସ ଆଣିଲେ ସେତେବେଳେ ତାଙ୍କ ପିତା ତାଙ୍କୁ ବହୁତ କଷଣ ଦେଇଥିଲେ । ଆପଣ ହବ୍‌ଶା ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ମଧ୍ୟ ସାମିଲ ଥିଲେ ଆଉ ଯେତେବେଳେ ସେ ମଦିନା ହିଜ୍‌ରତ୍ କରି ଆସି ପହଂଚିଲେ, ସେତେବେଳ ତାଙ୍କୁ ଦେଖି ହଜୁର ସ:ଆ:ସଙ୍କ ପବିତ୍ର ଚେହେରା ପୁଲକିତ ହୋଇଉଠିଥିଲା । ହଜ୍‌ରତ୍ ଉମର୍ ର:ଅ ଆଗକୁ ବଢ଼ି ତାଙ୍କୁ ଆଲିଙ୍ଗନ କଲେ ଏବଂ ଆପଣ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହଦମ୍‌ଙ୍କ ଘରେ ଅବସ୍ଥାନ କରିଥିଲେ ।

*(ରୌଶନ୍ ସିତାରେ..... ଖଣ୍ଡ-୨, ପୃ-୧୧-୧୨)*

ମଦିନା ହିଜ୍‌ରତ୍ କରିବା ପରେ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହଦମ୍‌ଙ୍କ ଘରେ ଅବୁ ଉବୈଦା ଶରଣ ନେଇଥିଲେ । ଏ ହଜୁର ସ:ଆ:ସଙ୍କ କନ୍ୟା ଉମ୍ମେ କୁଲ୍‌ସୁମ୍ ନୁହନ୍ତି ବରଂ ଅନ୍ୟ କେହି କୁଲ୍‌ସୁମ୍ ବିନ୍ ହଦମ୍ ଅଟନ୍ତି । ହଜୁର ସ:ଆ:ସ ତାଙ୍କର ମୈତ୍ରିକ ସମ୍ପର୍କ ଅବୁ ହୁଜୈଫାଙ୍କ ସ୍ୱାଧିନ କରିଥିବା ଦାସ ହଜ୍‌ରତ୍ ସାଲିମ୍‌ଙ୍କ ସହ କରିଥିଲେ । ଆଉ କେତେକଙ୍କ କହିବା ଅନୁଯାୟୀ ତାଙ୍କର ମୈତ୍ରୀକ ସମ୍ପର୍କ ହଜ୍‌ରତ ମୁହମ୍ମଦ ବିନ୍ ମୁସ୍‌ଲେମା ର:ଅଙ୍କ ସହ ସ୍ଥାପନ କରିଥିଲେ ତଥା ଆଉ କେତେକଙ୍କ କହିବା ଅନୁଯାୟୀ ତାଙ୍କର ମୈତ୍ରୀକ ସମ୍ପର୍କ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ସହ ସ୍ଥାପନ କରିଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୧୩........... ବେରୁତ ୨୦୧୨)*

*(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୪୭୬.......... ବେରୁତ ୨୦୦୫)*

ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ବଦର୍ ଯୁଦ୍ଧ, ଓ୍ୱହଦ୍ ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହ ସାମିଲ ଥିଲେ ।

*(ତବକାତୁଲ୍ କୁବ୍‌ରା.......ଖଣ୍ଡ-୩, ପୃ-୩୧୩....... ବେରୁତ ୧୯୯୦)*

ବଦର ଯୁଦ୍ଧ ଅବସରରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କୁ ୪୧ ବର୍ଷ ବୟସ ହୋଇଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୧୬....... ବେରୁତ ୨୦୧୨)*

ବଦର ଯୁଦ୍ଧ ଦିନ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ମୁସଲମାନମାନଙ୍କୁ ଆଡୁ ଯୁଦ୍ଧ ଭୁମିକୁ ଆସିଲେ ଏବଂ ତାଙ୍କ ପିତା ଅବ୍‌ଦୁଲ୍ଲା କୁଫାରମାନଙ୍କ ତରଫରୁ ଲଢୁଥିଲେ । ଏପରି ପିତା ଓ ପୁତ୍ର ଦୁହେଁ ମୁହାଁମୁହିଁ ହୋଇଥିଲେ । ଯୁଦ୍ଧରେ ପିତା ନିଜ ପୁତ୍ରକୁ ହତ୍ୟା କରିବାକୁ ଉଦ୍ୟମ କଲା କିନ୍ତୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ବର୍ତି ଯାଇଥିଲେ ଏବଂ ଗୋଟିଏ ପାର୍ଶ୍ୱକୁ ବାହାରି ଯାଉଥିଲେ ଅର୍ଥାତ ନିଜକୁ ନିଜ ପିତାଙ୍କ ସାମ୍‌ନାକୁ ଆଣିବାକୁ ଦେଉନଥିଲେ ଏବଂ ତାଙ୍କ ଦୃଷ୍ଟିରୁ ନିଜକୁ ଲୁଚାଇ ରଖିବାକୁ ଚେଷ୍ଟା କରୁଥିଲେ । ତଥାପି ପିତା ତାଙ୍କର ପଛ ଛାଡୁନଥିଲେ ଏବଂ ନିଜ ପ୍ରୟାସ ଜାରି ରଖିଥିଲେ । ଆପଣ ମଧ୍ୟ ତାହା କରିପାରିଥାନ୍ତେ କାରଣ ଆପଣଙ୍କ ହାତରେ ମଧ୍ୟ ଅବସର ଥିଲା କିନ୍ତୁ ଆପଣ ସେଥିରୁ ଦୁରେଇ ରହିବାକୁ ଶ୍ରେୟସ୍କର ମଣିଥିଲେ କିନ୍ତୁ ଯେତେବେଳେ ସେ ଦେଖିଲେ ଯେ ପିତା ମୋର ପଛ ଛାଡୁନାହାନ୍ତି ସେତେବେଳେ ଏକେଶ୍ୱରବାଦ ପ୍ରଭୁତ୍ୱ ଲାଭ କଲା ଏବଂ ସମ୍ପର୍କର ରଙ୍ଗ ଫିକା ପଡ଼ିଗଲା ଏବଂ ପିତା ନିଜ ପୁତ୍ରକୁ କେବଳ ଏଥିପାଇଁ ନିହତ କରିବାକୁ ଚାହୁଁଥିଲା କି ସେ ଏକେଶ୍ୱରବାଦକୁ ଆପଣାଇ ନେଇଛି ସେତେବେଳେ ଅବ୍‌ଦୁଲ୍ଲା ନିଜ ପୁତ୍ର ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ହସ୍ତରେ ନିହତ ହେଲା ।

*(ସିରସ୍ ସାହାବାଃ ଖଣ୍ଡ-୨, ପୃ-୧୨୪..... କରାଚି)*

ଓ୍ୱହଦ୍ ଯୁଦ୍ଧରେ ଅବ୍‌ଦୁଲ୍ଲା ବିନ୍ କମିୟାଃ ହଜୁର ସ:ଆ:ସଙ୍କୁ ଏକ ପଥର ଖୁବ୍ ଜୋର୍‌ରେ ନିକ୍ଷେପ କରିଥିଲା ଯଦ୍ୱାରା ହଜୁର ସ:ଆ:ସଙ୍କ ପବିତ୍ର ଚେହେରା କ୍ଷତାକ୍ତ ହୋଇଗଲା ଏବଂ ଆପଣ ସ:ଆ:ସଙ୍କ ପବିତ୍ର ଦାନ୍ତ ମଧ୍ୟ ଶହୀଦ ହୋଇଗଲା ଏଥିରେ ସେ ଉଚ୍ଚ ସ୍ୱରରେ ଘୋଷଣା କଲା କି ମୁଁ ଇବ୍‌ନେ କମିୟା ଏପରି କରିଛି । ହଜୁର ସ:ଆ:ସ ନିଜ ମୁଖରୁ ରକ୍ତ ସଫା କରି କହିଲେ ଅଲ୍ଲାଃ ତୁମର ଅସମ୍ମାନ କରିବେ । ବର୍ଣ୍ଣନାକାରୀ କୁହନ୍ତି ପୁଣି ଏପରି ହେଲା ଯେ ପ୍ରଭୁ ତାହା ଉପରେ ଏକ ହିଂସ୍ର ପ୍ରଜାତିର ପାହାଡ଼ିଆ ଛେଳି ପ୍ରେରଣ କଲେ ଯେ ତାକୁ ଶିଘଂ ମାରି ମାରି ତା'ର ଖଣ୍ଡ ଖଣ୍ଡ କରିଦେଲା । *(ଅଲ୍‌ମୁଅଜମୁଲ୍ କବୀର........ ଖଣ୍ଡ-୮, ପୃ-୧୫୪ ହଦିସ୍-୭୫୯୬........ କାହିରା ୧୯୯୪)*

ଏହି ପ୍ରସଙ୍ଗରେ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଅବୁବକର ର:ଅ କୁହନ୍ତି ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ହଜୁର ସ:ଆ:ସଙ୍କ ପବିତ୍ର ଚେହେରାକୁ ପଥର ମାରି କ୍ଷତାକ୍ତ କରାଯାଇଥିଲା ଏବଂ ଆପଣଙ୍କର ଦୁଇଟି ଦାନ୍ତ ଶହୀଦ କରିଦିଆଯାଇଥିଲା ତାହା ଆପଣଙ୍କ ଚେହେରାରେ ଫସି ରହିଯାଇଥିଲା ଅର୍ଥାତ ଶିରସ୍ତ୍ରାଣର ଲୁହାଖଣ୍ଡ ଆପଣଙ୍କ ଚେହେରାରେ ଫସି ହୋଇ ରହିଯାଇଥିଲା । ହଜ୍‌ରତ୍ ଅବୁବକର ର:ଅ କୁହନ୍ତି ସେତେବେଳେ ମୁଁ ଦେଖିଲି ଜଣେ ବ୍ୟକ୍ତି ଖୁବ ତୀବ୍ର ବେଗରେ ହଜୁର ସ:ଆ:ସଙ୍କ ଆଡ଼କୁ ଅଗ୍ରସର ହେଉଛି । ଯେପରି ସେ ଉଡ଼ି ଆସୁଅଛି ଅତଏବ ମୁଁ ଦୁଆ କଲି ହେ ପ୍ରଭୁ ଏହାକୁ ଆମ ଓ ହଜୁର ସ:ଆ:ସଙ୍କ ପାଇଁ ଆନନ୍ଦର କାରଣ ସାବ୍ୟସ୍ତ କର । ଯେତେବେଳେ ଆମେ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲୁ ସେତେବେଳେ ମୁଁ ଦେଖିଲି ସେ ତୀବ୍ର ବେଗରେ ଆସୁଥିବା ବ୍ୟକ୍ତିଜଣକ ହେଉଛନ୍ତି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଏବଂ ମୋ ପୂର୍ବରୁ ସେ ହଜୁରଙ୍କ ନିକଟରେ ପହଂଚିଯାଇଥିଲେ । ସେ ମତେ କହିଲେ ହେ ଅବୁବକର ମୁଁ ତୁମକୁ ସେହି ପରମେଶ୍ୱରଙ୍କ ରାଣ ଦେଇ କହୁଛି ମତେ ହଜୁର ସ:ଆ:ସଙ୍କ ଚେହେରାରୁ ଶିରସ୍ତ୍ରାଣର ଲୁହାଖଣ୍ଡକୁ ସେହି ବାହାର କରିବାକୁ ଅନୁମତି ଦିଅନ୍ତୁ । ଅତଏବ ମୁଁ ତାଙ୍କୁ ତାହା କରିବାକୁ ଦେଲି ସେ ସେହି ଧସି ହୋଇ ରହିଯାଇଥିବା ଲୁହାଖଣ୍ଡକୁ ନିଜ ଦାନ୍ତରେ କାମୁଡ଼ି ଏତେ ଜୋର୍‌ରେ ଟାଣିଲେ ଯେ ସେ ପଛକୁ ଅଂଟାମାଡ଼ି ପଡ଼ିଲେ ଏବଂ ତାଙ୍କ ମୁହଁର ସାମନା ଦାନ୍ତ ମଧ୍ୟ ଭାଙ୍ଗିଗଲା ପୁନଶ୍ଚ ଯେ ଦ୍ୱିତୀୟ ଥର ସେହିପରି କରିଥିଲେ ଅର୍ଥାତ ଦ୍ୱିତୀୟ ଲହାଖଣ୍ଡଟିକୁ ଯାହାକି ଫସି ରହିଥିଲା ହଜୁର ସ:ଆ:ସଙ୍କ ଚେହେରାରେ, ତାହାକୁ ନିଜ ଦାନ୍ତରେ କାମୁଡ଼ି ବାହାର କରିବାକୁ ଚେଷ୍ଟା କରିଥିଲେ ଏହି ଉଦ୍ୟମରେ ତାଙ୍କର ଦ୍ୱିତୀୟ ଦାନ୍ତ ମଧ୍ୟ ଭାଙ୍ଗି ଯାଇଥିଲା । ଓ୍ୱହଦ୍ ଯୁଦ୍ଧ ଅବସରରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ଦୃଢ଼ତାର ସହ ଦଣ୍ଡାୟମାନ ରହିଥିଲେ ଯେତେବେଳେ ଲୋକେ ଛତ୍ରଭଙ୍ଗ ଦେଇଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୧୩....... ବେରୁତ ୨୦୧୭)*

ଜୁଲ୍‌କାଦା ୬ ହିଜ୍‌ରୀରେ ସୁଲାହ୍ ହୁଦବିୟାରେ ଯେତେବେଳେ ସନ୍ଧିପତ୍ର ଲେଖାଗଲା ଏବଂ ତାହାର ଦୁଇଟି ନକଲ ପ୍ରସ୍ତୁତ କରାଗଲା ଏବଂ ଦୁଇପକ୍ଷ ମଧ୍ୟରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କର ହସ୍ତାକ୍ଷର ନିଆଗଲା । ମୁସଲମାନମାନଙ୍କ ପକ୍ଷରୁ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଉସ୍‌ମାନ ର:ଅ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଏବଂ ହଜ୍‌ରତ୍ ସାଆଦ୍ ର:ଅ, ହଜ୍‌ରତ୍ ଅବି ଓ୍ୱକାସ ର:ଅ ତଥା ହଜରତ୍ ଅବି

ଉବୈଦା ବିନ୍ ଜର୍‌ରାହ ର:ଅ ହସ୍ତାକ୍ଷର କରିଥିଲେ ।

*(ସିରତ୍ ଖାତମୁନ୍ ନବିୟିନ୍........ପୃ-୭୬୯)*

ହଜୁର ସ:ଆ:ସ ହଜ୍‌ରତ୍ ଅବି ଉବୈଦା ର:ଅଙ୍କୁ ଅନେକ ସରିଆରେ ପ୍ରେରଣ କରିଥିଲେ ଅର୍ଥାତ ଛୋଟ ଛୋଟ ଯୁଦ୍ଧରେ ପ୍ରେରଣ କରିଥିଲେ । ରିବଉଲ୍ ମାସ ୬ ହିଜ୍‌ରୀ ରବିଉଲ୍ ଓ୍ୱଅଲ୍ ମାସର ଶେଷ ପ୍ରର୍ଯ୍ୟାୟରେ ଜିଲ୍ କିସା ସରିୟା ଆଡ଼କୁ ହଜୁର ସ:ଆ:ସ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲିମା ଅନ୍‌ସାରୀ ର:ଅଙ୍କୁ ପ୍ରେରଣ କରିଥିଲେ ଏହି ପ୍ରସଙ୍ଗରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ୍.ଏ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି । ରବିଉଲ୍ ସାନି ମାସର ଶେଷ ପ୍ରର୍ଯ୍ୟାୟରେ ହଜୁର ସ:ଆ:ସ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲେମା ଅନ୍‌ସାରୀଙ୍କୁ ଜୁଲ୍ କିସା ଆଡ଼କୁ ପ୍ରେରଣ କରିଥିଲେ ଯାହା ମଦିନାଠାରୁ ୨୪ ମାଇଲ ଦୁରତାରେ ଅବସ୍ଥିତ ଥିଲା ଯେଉଁସ୍ଥଳେ ବନୁ ସାଲ୍‌ବା ଗୋଷ୍ଠୀ ବସବାସ କରୁଥିଲେ । ମୁହମ୍ମଦ ବିନ୍ ମୁସ୍‌ଲେମା ନିଜ ଦଶଜଣ ସାଥିଙ୍କ ସହିତ ରାତ୍ରୀ ସମୟରେ ସେଠାରେ ପହଂଚି ଦେଖିଲେ ଯେ, ଉକ୍ତ ଗୋଷ୍ଠୀର ଶହେଜଣ ଯୁବକ ଯୁଦ୍ଧ କରିବାପାଇଁ ସମ୍ପୁର୍ଣ୍ଣରୂପେ ପ୍ରସ୍ତୁତ ରହିଛନ୍ତି । ଯାହା ସାହାବାଙ୍କ ତୁଳନାରେ ଦଶଗୁଣ ଅଧିକା ଥିଲା । ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲେମା ସଙ୍ଗେ ସଙ୍ଗେ ସାହାବାଙ୍କୁ ଧାଡ଼ି ବାନ୍ଧିବାପାଇଁ ନିର୍ଦ୍ଦେଶ ଦେଲେ । ଯଦି ସାହାବାମାନେ ଯୁଦ୍ଧ କରିବାର ନିୟତ ରଖି ଯାଇଥାଆନ୍ତେ ତେବେ ସେମାନେ ଏତେ ସ୍ୱଳ୍ପ ସଂଖ୍ୟାରେ ସେଠାକୁ ଯାଇନଥାନ୍ତେ । ସେ ଯାହା ହେଉ ଉଭୟ ପକ୍ଷରୁ ବେଶ୍ ତୀର ନିକ୍ଷେପ କରାଗଲା । ତା'ପରେ ଅମାନ୍ୟକାରୀମାନେ ଏହି ସ୍ୱଳ୍ପ ସଂଖ୍ୟକ ସାହାବାଙ୍କ ଉପରେ ଆକ୍ରମଣ କରିଦେଲେ । ଯେହେତୁ ସେମାନେ ବହୁତ ସଂଖ୍ୟାରେ ଥିଲେ ତେଣୁ ସମସ୍ତ ଦଶଜଣ ସାହାବା ସେହି ସ୍ଥଳେ ହିଁ ଶହୀଦ ହୋଇଗଲେ । କିନ୍ତୁ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲେମାଙ୍କୁ ଅମାନ୍ୟକାରୀମାନେ ଅନ୍ୟ ସାହାବାଙ୍କ ପରି ମୃତ ମଣି ଛାଡ଼ି ଦେଲେ । ଏପରି ସେ ବର୍ତି ଯାଇଥିଲେ । ସମ୍ଭବତଃ ସେ ସେଠାରେ ପଡ଼ି ପଡ଼ି ନିଜର ଶେଷ ନିଶ୍ୱାସ ତ୍ୟାଗ କରିଦେଇଥାନ୍ତେ କିନ୍ତ ଭାଗ୍ୟବଶତଃ ଜଣେ ମୁସଲମାନ ସେ ବାଟ ଦେଇ ଅତିକ୍ରମ କରୁଥିଲା । ସେ ମୁହମ୍ମଦ ବିନ୍ ମୁସ୍‌ଲେମାଙ୍କୁ ଚିହ୍ନି ସାଥିରେ ନେଇଗଲା ଏବଂ ମଦିନାରେ ପହଂଚାଇ ଦେଲା । ଯେତେବେଳେ ଏ ସମସ୍ତ ଘଟଣା ସଂକ୍ରାନ୍ତରେ ହଜୁର ସ:ଆ:ସଙ୍କୁ ସୂଚନା ମିଳିଲା । ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ଯିଏ କୁରୈଶ୍ ଥିଲେ ଓ ବଡ଼ ସାହାବି ମଧ୍ୟ ଥିଲେ, ତାଙ୍କୁ ସେଠାକୁ ପ୍ରେରଣ କରିଥିଲେ । ଯେକି ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲେମାଙ୍କ ପ୍ରତିଶୋଧ ନେବାପାଇଁ ବାହାରିଥିଲେ ଜୁଲ୍ କିସା ଅଂଚଳକୁ । ଯେ ହେତୁ ଇତି ମଧ୍ୟରେ ଏହି ଖବର ମଧ୍ୟ ମିଳିଥିଲା ଯେ, ବନୁ ସାଲ୍‌ବାର ଲୋକେ ମଦିନାର ଆଖପାଖରେ ଆକ୍ରମଣ କରିବାର ପ୍ରସ୍ତୁତ କରୁଛନ୍ତି ତେଣୁ ହଜୁର ସ:ଆ:ସ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ଅଧିକ୍ଷତାରେ ୪୦ ଜଣ ସାହାବାଙ୍କ ଏକ ଦଳ ପ୍ରସ୍ତୁତ କରି ରାତି ରାତି ପ୍ରେରଣ କରିଦେଇଥିଲେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରହା ର:ଅ ମଧ୍ୟ ଆଦେଶ ପାଳନ କରି ସାରା ରାତ୍ରୀ ଯାତ୍ରା କରି ସକାଳୁ ସକାଳୁ ବନୁ ସାଲ୍‌ବା ଅଂଚଳରେ ପହଂଚି ଯାଇଥିଲେ ଏବଂ ହଠାତ୍ ସେମାନଙ୍କ ଉପରେ ଆକ୍ରମଣ କରିଦେଇଥିଲେ । ଯଦ୍ୱାରା ବନୁ ସାଲ୍‌ବାର ଲୋକେ ବ୍ୟସ୍ତ ବିବ୍ରତ ହୋଇ ସାମାନ୍ୟ ମୁକାବିଲା କରି ଏଣେତେଣେ ପଳାୟନ କରିଥିଲେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ସେମାନଙ୍କ ଧନସମ୍ପତି ନିଜ ଅଧିନସ୍ତ କରି ମଦିନା ଅଭିମୁଖେ ପ୍ରତ୍ୟାବର୍ତନ କରିଥିଲେ । *(ସିରତ୍ ଖାତମୁନ୍ ନବୀୟିନ୍....... ପୃ-୬୬୮)*

ଏହା ଅତ୍ୟାଚାରର ପ୍ରତିଶୋଧ ଓ ସେମାନଙ୍କୁ ଉଚିତ ଦଣ୍ଡ ଓ ଶିକ୍ଷା ଦେବାପାଇଁ ଆକ୍ରମଣ ଥିଲା ।

ଆଉ ଏକ ସରିୟା ଯାହାର ନାମ ଜାତୁସ୍ ସଲାସିଲ୍ ଥିଲା ଏହାର ଏପରି ନାମକରଣ କରିବାର କାରଣ ହେଉଛି ଏହା କି ଶତୃମାନେ ଭୟରେ ପରସ୍ପରକୁ ଶିକୁଳିରେ ବାନ୍ଧି ନେଇଥିଲେ । ଯଦ୍ୱାରା ସେମାନେ ଏକତ୍ର ଆକ୍ରମଣ କରିପାରିବେ ଏବଂ ସେମାନଙ୍କ ମଧ୍ୟରୁ କେହି ହେଲେ ପଳାୟନ କରିପାରିବେ ନାହିଁ । ଏବଂ ଗୋଟିଏ ଧାଡ଼ିରେ ସଭିଏଁ ଲଢ଼ିବେ । ଏଥିଯୋଗୁଁ ତାହାର ନାମ ସଲାସିଲ୍ ରହିଥିଲା । ତାହାର ଆଉ ଏକ କାରଣ ମଧ୍ୟ ଦର୍ଶାଯାଉଛି ଯେ, ସେହି ସ୍ଥଳେ ଏକ ନିର୍ଝର ମଧ୍ୟ ରହିଥିଲା ଯାହାର ନାମ ସଲ୍‌ସଲ୍ ଥିଲା । କେତେକ କୁହନ୍ତି ୭ ହିଜ୍‌ରୀରେ ତ ଆଉ କେତେକ କୁହନ୍ତି ଆଠ ହିଜ୍‌ରୀର ହଜୁର ସ:ଆ:ସଙ୍କୁ ଖବର ମିଳିଥିଲା କି କବିଲା ବନୁ କଜା ଗୋଷ୍ଠୀ ମଦିନା ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତ କରୁଅଛି । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଅମରୋ୍ ବିନ୍ ଆସଙ୍କୁ ତିନିଶହ ମୁହାଜରିନ୍ ଓ ଅନ୍‌ସାରଙ୍କ ସହିତ ପ୍ରେରଣ କରିଥିଲେ ଏବଂ ସେମାନଙ୍କ ନିକଟରେ ତିରିଶିଟି ଘୋଡ଼ା ରହିଥିଲା । ଉକ୍ତ ସ୍ଥାନ ମଦିନାଠାରୁ ଦଶ ଦିନ ଯାତ୍ରା କରିବା ଦୁରତାରେ ଅବସ୍ଥିତ ଥିଲା । ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ସେଠାରେ ପହଂଚି ହଜୁର ସ:ଆ:ସଙ୍କୁ ସୁଚନା ଦେଇଥିଲେ ଯେ ଶତୃ ଢ଼େର୍ ଅଧିକ ସଂଖ୍ୟକ ରହିଛନ୍ତି ତେଣୁ ଆମର ସାହାଯ୍ୟ ନିମନ୍ତେ ଅଧିକ ସେନା ପ୍ରେରଣ କରାଯାଉ । ସୁଚନା ମିଳିବା କ୍ଷଣି ହଜୁର ସ:ଆ:ସ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ନେତୃତ୍ୱରେ ଦୁଇଶହ ମୁହାଜରିନ୍ ଓ ଅନ୍‌ସାରଙ୍କର ଏକ ଦଳ ପ୍ରେରଣ କରିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ, ତୁମେମାନେ ହଜ୍‌ରତ୍ ଉମ୍‌ରୋଙ୍କ ସହିତ ମିଳିତ ହୋଇଯିବ ଏବଂ ପରସ୍ପର ମଧ୍ୟରେ ମତଭେଦ ନ ରଖି ଶତୃର ମୁକାବିଲା କରିବ । ଯେତେବେଳେ ଏମାନେ ହଜ୍‌ରତ୍ ଉମ୍‌ରୋ ର:ଅଙ୍କ ସେନା ଦଳ ସହ ମିଳିତ ହୋଇଗଲେ । ସେତେବେଳେ ସମ୍ପୁର୍ଣ୍ଣ ସେନାର କିଏ ସେନାଧକ୍ଷ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ଯଦିଚ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ନିଜ ଉଚ୍ଚ ଆସନ ଯୋଗୁଁ ସେନାଧକ୍ଷ ହେବାର ଅଧିକ ହକ୍‌ଦାର ଥିଲେ, କିନ୍ତୁ ସେତେବେଳେ ହଜ୍‌ରତ୍ ଉମ୍‌ରୋ ବାରମ୍ବାର ଏହି କଥା କହିଥିଲେ ଯେ, ମୁଁ ହିଁ ସେନା ଅଧିପତି ହେବି ସେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଅତ୍ୟନ୍ତ ଖୁସି ମନର ସହ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କରିନେଇଥିଲେ କାରଣ ହଜୁର ସ:ଆ:ସଙ୍କର ସ୍ୱଷ୍ଟ ନିର୍ଦ୍ଦେଶ ରହିଥିଲା ଯେ, ପରସ୍ପର ମଧ୍ୟରେ ମତଭେଦ ସୃଷ୍ଟି ହେବାକୁ ଦେବ ନାହିଁ । ସୁତରାଂ ମୁସଲମାନମାନେ ଏକ ମନ ହୋଇ ଶତୃର ମୁକାବିଲା କଲେ । ଯଦ୍ୱାରା ଶତୃ ପରାସ୍ତ ହେଲା ଯେତେବେଳେ ସେମାନେ ମଦିନା ଫେରିଲେ ଏବଂ ହଜୁର ସ:ଆ:ସଙ୍କ ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ ର:ଅଙ୍କ ଆଜ୍ଞାକାରିତାର କଥା ଶୁଣିଲେ ସେତେବେଳେ ହଜୁର ସ:ଆ:ସ କହିଲେ, ରହିମହୁଲ୍ଲାହୁ ଅବା ଉବୈଦାଃ ଅର୍ଥାତ ଅଲ୍ଲାଃଙ୍କର ଦୟା ଅବୁ ଉବୈଦାଙ୍କ ଉପରେ ଅବତୀର୍ଣ୍ଣ ହେଉ । ଏପରି ସେ ଆଜ୍ଞାକାରିତାର ସ୍ତର ନିର୍ଦ୍ଧାରଣ କରିଥିଲେ ।

*(ରହ୍‌ମତେ ଦାରୈନ୍..... ପୃ-୩୩...... ଲାହୋର ୨୦୦୩)*

*(ଶରହ୍ ଜର୍‌କାନି, ଖଣ୍ଡ-୨, ପୃ-୩୫୭-୩୬୦..... ବେରୁତ ୧୯୯୬)*

ଆଉ ଏକ ସରିୟା ସିଫୁଲ୍ ବହର୍‌ ନାମରେ ଘଟିଥିଲା । ଏ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସ ସାମିଲ ହୋଇନଥିଲେ । ଉକ୍ତ ସରିୟା ଆଠ ହିଜ୍‌ରୀରେ ସମୁଦ୍ର ତଟରେ ଘଟିଥିଲା । ଯେଉଁଠାରେ ବନୁ ଜୁହେନାଃ କବିଲା ବସବାସ କରୁଥିଲେ । ଏହି ସରିୟାକୁ ଜୈଶୁଲ୍ ଖବତ୍ ମଧ୍ୟ କୁହାଯାଏ ଏପରି ନାମକରଣ କରିବାର ମୂଳ କାରଣ ଏପରି ମିଳୁଅଛି ଯେ, ଖାଦ୍ୟ ଅଭାବ ଯୋଗୁଁ ସାହାବାମାନେ ଗଛର ପତ୍ର ଖାଇବାକୁ ବାଧ୍ୟ ହୋଇଥିଲେ । ଯାହାକୁ ଖବତ୍ କୁହାଯାଉଥିଲା ଅର୍ଥାତ ପତ୍ର ଝାଡ଼ିବା । ଏହି ସରିୟାର ଚର୍ଚ୍ଚା ବୁଖାରୀରେ ମଧ୍ୟ ଦରଜ ରହିଛି ଏବଂ ତାହା ଏପରି ଅଟେ ଯେ, ହଜ୍‌ରତ୍ ଜାବିର୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ଆମକୁ ପ୍ରେରଣ କଲେ ଏବଂ ଆମେ ପାଖାପାଖି ୩୦୦ ସଂଖ୍ୟକ ସାହାବା ଥିଲୁ ଆମର ଅମୀର ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଥିଲେ । ଆମେ କେବଳ କୁରୈଶ୍‌ର ବ୍ୟବସାୟୀ ଦଳର ଖବର ନେବାପାଇଁ ଜଗି ବସିଥିଲୁ । ସେମାନଙ୍କ ସହ ଯୁଦ୍ଧ କରିବାର ଆମର କୌଣସି ଉଦ୍ଦେଶ୍ୟ ନଥିଲା । ସମୁଦ୍ର କୁଳେ ପାଖାପାଖି ଅଧାମାସ ଅପେକ୍ଷା କରିବାପରେ ଆମକୁ ଇତି ମଧ୍ୟରେ ପ୍ରବଳ ଭୋକ ଲାଗିଥିଲା । ଏପରି କି ଆମେ ଗଛର ପତ୍ର ମଧ୍ୟ ସେବନ କରିଥିଲୁ । କେତେକ ସମୟରେ ମୁସଲମାନମାନେ ଏହି ଉଦ୍ଦେଶ୍ୟରେ ସରିୟା ପାଇଁ ବାହାରୁଥିଲେ ଯେତେବେଳେ କି ସେମାନଙ୍କ ଉଦ୍ଦେଶ୍ୟ ଯୁଦ୍ଧ ନଥିଲା କିନ୍ତୁ କଦାଚିତ ସେମାନଙ୍କୁ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡୁଥିଲା । ତେଣୁ ଉଭୟ ଦୃଷ୍ଟିକୋଣରୁ ଏହି ସରିୟା ଏପରି ଏକ ଅଭିଜାନ ଥିଲା । ଯେଉଁଥିରେ ହଜୁର ସ:ଆ:ସ ସାମିଲ ନଥିଲେ ଏଥିପାଇଁ ଉକ୍ତ ସେନାଦଳର ନାମ ଜୈସ୍-ଏ-ଖବତ୍ ରଖାଗଲା । ଇତି ମଧ୍ୟରେ ସମୁଦ୍ର ଆମମାନଙ୍କ ପାଇଁ ଏକ ବୃହତକାୟ ଜୀବ ଫିଙ୍ଗି ଦେଲା ଯାହାକୁ ଅମ୍ବର ମାଛ କହନ୍ତି ତାହା ସମୁଦ୍ର କୁଳକୁ ଚାଲିଆସିଥିଲା, ତାହା ମାଛର ଏକ ପ୍ରଜାତି ଥିଲା, ଆମେ ତାହାର ମାଂସ ପନ୍ଦର ଦିନ ପର୍ଯ୍ୟନ୍ତ ଖାଇଥିଲୁ ଏବଂ ତାହାର ଚର୍ବି ନିଜ ଶରୀରରେ ମାଲିସ୍ କରିଥିଲୁ । ଏପରି କି ଆମ ଶରୀର ବଳିଷ୍ଠ ଓ ସତେଜ ପାଲଟି ଯାଇଥିଲା ଯେପରି ପୁର୍ବେ ଆମେ ମଦିନାରେ ରହିଥିଲୁ ।ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ତାହାର ଗୋଟିଏ ପଞ୍ଜରା ହାଡ଼ ନେଇ ଠିଆ କଲେ ଏବଂ ସେମାନଙ୍କ ମଧ୍ୟରୁ ଯିଏ ସବୁଠାରୁ ଉଚ୍ଚା ବ୍ୟକ୍ତି ଥିଲେ ଅର୍ଥାତ ଉକ୍ତ ଉପସ୍ଥିତ ସାହାବାଙ୍କ ମଧ୍ୟରେ ଯିଏ ସବୁଠାରୁ ଉଚ୍ଚ ବ୍ୟକ୍ତି ବିଶିଷ୍ଟ ଥିଲେ । ତାହାଙ୍କୁ ତାଙ୍କ ଓଟ ଉପରେ ବସାଇ ଅତିକ୍ରମ କରାଗଲା ଏବଂ ସେ ଉକ୍ତ ପଞ୍ଜରା ତଳୁ ଅତିକ୍ରମ କରିଯାଇଥିଲେ । ସେହି ଅମ୍ବର ମାଛର ପଞ୍ଜରା ତଳୁ ଅତିକ୍ରମ କରିଯାଇଥିଲେ ।

ହଜ୍‌ରତ୍ ଜାବିର୍ ର:ଅ କୁହନ୍ତି: ସେହି ସୈନ୍ୟଦଳରେ ଜଣେ ବ୍ୟକ୍ତି ଥିଲା ଯିଏ ଲୋକମାନଙ୍କ ଖାଇବା ନିମନ୍ତେ ତିନି ଦିନ ପର୍ଯ୍ୟନ୍ତ ତିନି ତିନୋଟି ଓଟ ଜେଭ୍ କରୁଥିଲେ ଯାହାକୁ ଅବୁ ଉବୈଦା ଏପରି କରିବାକୁ ମନା କରିଦେଇଥିଲେ । ଉମ୍‌ରୋ ବିନ୍ ଦିନାର୍ କୁହନ୍ତି ଅବୁ ସାଲେ ଜକୁଓ୍ୱାନ କୁହନ୍ତି କୈସ୍ ବିନ୍ ସାଆଦ୍ ନିଜ ପିତାଙ୍କୁ କହିଲେ, ମୁଁ ମଧ୍ୟ ସେହି ସୈନ୍ୟଦଳରେ ଥିଲି ଯେତେବେଳେ ତାଙ୍କୁ ଭୋକ ଲାଗିଲା ସେତେବେଳେ ହଜ୍‌ରତ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଅବୁ ଉବୈଦା ବିନ୍ ଜର୍‌ହା ର:ଅ କହିଲେ ଗୋଟିଏ ଓଟ ଜେଭା କରିଦିଅ ଅତଏବ ମୁଁ ଓଟ ଜେଭା କରିଦେଲି । ପୁନଶ୍ଚ ଯେତେବେଳେ ଭୋକ ଲାଗିଲା ସେତେବେଳେ ମଧ୍ୟ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ସମାନ କଥା କହିଥିଲେ ଅତଏବ ମୁଁ ଯାଇ ଗୋଟିଏ ଓଟ ଜେଭା କରିଦେଲି ଏପରି ସେହି ଓଟ ଯେଉଁଥିରେ ଆମେ ନିଜ ସାମଗ୍ରୀ ବହନ କରି ଆଣିଥିଲୁ କିନ୍ତୁ ନିଜ ଭୋକ ନିବାରଣ କରିବାପାଇଁ ସେଗୁଡ଼ିକୁ ଆମେ ଜେଭା କରିଥିଲୁ । କୈସ୍ କୁହନ୍ତି ଆମକୁ ପୁଣି ଭୋକ ଲାଗିଲା, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ କହିଲେ: ଓଟ ଜେଭା କରିଦିଅ ତା'ପରେ ମତେ ରୋକି ଦିଆଗଲା କି ଆଉ ଓଟ ଜେଭା କରନାହିଁ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି, ଜୈସ୍-ଉଲ୍-ଖବତ୍ ସହିତ ଆମେ ଆକ୍ରମଣ କରିବାକୁ ବାହାରିଲୁ, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଆମ ଅମୀର ଥିଲେ, ଆମକୁ ପ୍ରବଳ ଭୋକ ଲାଗିଲା ଇତି ମଧ୍ୟରେ ସମୁଦ୍ର ଆମମାନଙ୍କ ପାଇଁ ଏକ ମୃତ ମାଛ ଫିଙ୍ଗିଦେଲା ଏବଂ ଏହା ପୂର୍ବରୁ ଏଭଳି ବିରାଟକାୟ ମାଛ ଆମେ କଦାପି ଦେଖିନଥିଲୁ ଯାହାକୁ ହ୍ୱେଲ୍ ମାଛ ବା ଅମ୍ବର ମାଛ କୁହାଯାଏ । ଆମେ ତାହାର ମାଂସ ପନ୍ଦର ଦିନ ପର୍ଯ୍ୟନ୍ତ ଖାଇଥିଲୁ ଏବଂ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ତାହାର ଏକ ପଞ୍ଜରା ନେଇ ଆମମାନଙ୍କ ମଧ୍ୟରୁ ଯିଏ ସର୍ବ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲା ତାହାର ଓଟ ଉପରେ ତାକୁ ବସାଇ ଉକ୍ତ ପଞ୍ଜରା ମଧ୍ୟରୁ ଅତିକ୍ରମ କରାଇଥିଲେ ଏବଂ ସେ ମାଛର ପଞ୍ଜରା ତଳୁ ଅତିକ୍ରମ କରିଯାଇଥିଲା ।

ଇବ୍‌ନେ ଜୁରେଜ୍ କହିଲେ: ଅବୁ ଜୁବୈର୍ ମତେ କହିଲେ, ସେ ହଜ୍‌ରତ୍ ଜାବିର୍‌ଙ୍କଠାରୁ ଶୁଣିଥିଲେ କି ଅବୁ ଉବୈଦା ବିନ୍ ଜର୍‌ହା ର:ଅ କହିଲେ ନିଃସନ୍ଦେହରେ ଉକ୍ତ ମାଛଟି ମୃତ କିନ୍ତୁ ତାହାକୁ ଖାଇବାରେ କିଛି ଅସୁବିଧା ନାହିଁ ତାକୁ ଦିଅ । ଯେତେବେଳେ ଆମେ ମଦିନା ଫେରିଲୁ ଉକ୍ତ ଘଟଣା ଚର୍ଚ୍ଚା କରି ହଜୁର ସ:ଆ:ସଙ୍କ ସମ୍ମୁଖରେ ବର୍ଣ୍ଣନା କଲୁ କି ଏପରି ଏକ ମୃତ ମାଛ ଆମ ହସ୍ତଗତ ହୋଇଥିଲା ଆମେ ତାହାର ଅଧା ମାସ ଖାଇଥିଲୁ ଏବଂ ତାହାର ଚର୍ବିକୁ ନିଜ ଶରୀରରେ ମଳିଥିଲୁ । ହଜୁର ସ:ଆ:ସ କହିଲେ, ପରମେଶ୍ୱର ତୁମକୁ ସେହି ମାଛ ଉପଲବ୍ଧ କରାଇଥିଲେ ତାହାକୁ ସେବନ କରିବାରେ କୌଣସି ବିଘ୍ନ ନାହିଁ । ଅଲ୍ଲାଃ ତାଲା ତୁମମାନଙ୍କ ଅବସ୍ଥା ଦେଖି ତାହା ତୁମମାନଙ୍କ ନିକଟକୁ ପ୍ରେରଣ କରିଥିଲେ । ତେଣୁ ତାହା ଖାଇବାରେ କୌଣସି ଅସୁବିଧା ନଥିଲା । ଯଦି ତୁମମାନଙ୍କ ନିକଟରେ ସେଥିମଧ୍ୟରୁ କିଛି ଅଛି ତେବେ ତୁମେ ଆମକୁ ଦିଅ ଅତଏବ ସେଥିମଧ୍ୟରୁ ଆପଣଙ୍କୁ ଜଣେ କିଛି ଅଂଶ ଦେଲା ଏବଂ ହଜୁର ତାହା ସେବନ କରିଥିଲେ ।

***(ସହି ବୁଖାରୀ କିତାବୁଲ୍ ମଗାଜି....... ହଦିସ୍- ୪୩୬୧-୪୩୬୨)***

ହଜ୍‌ରତ୍ ସୟଦ ଜୈନୁଲ୍ଲା ଆବେଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଏହି ସରିୟା ସିଫୁଲ୍ ବହର୍ ପ୍ରସଙ୍ଗରେ ଲେଖିଛନ୍ତି । ଉକ୍ତ ଯୁଦ୍ଧଟି ସେହି ଯୁଦ୍ଧ ମାନଙ୍କ ମଧ୍ୟରୁ ଗୋଟିଏ ଯେଉଁଥିରେ ଯୁଦ୍ଧ କରିବା ଉଦ୍ଦେଶ୍ୟ ନଥିଲା ବରଂ ବ୍ୟବସାୟୀ ଦଳର ସୁରକ୍ଷା ନିମନ୍ତେ ପ୍ରେରଣ କରାଯାଇଥିଲା । ଯେଉଁଦଳରେ ତିନିଶହ ମୁହାଜିର୍ ଓ ଅନ୍‌ସାର ସାମିଲ ଥିଲେ । କାରୱାନି ମାର୍ଗ ନିକଟରେ କୁଲ୍‌ଜୁମ୍ ସମୁଦ୍ର ତଟରେ ସୁରକ୍ଷା ଶିବିର ତିଆରି କରାଯାଇଥିଲା । ସିଫ୍ ଶବ୍ଦର ଅର୍ଥ ସମୁଦ୍ର ତଟ ଅଟେ । ଇବ୍‌ନେ ସାଆଦ୍ ସରିୟାତୁଲ୍ ଖବତ୍ ପରିପ୍ରେକ୍ଷୀରେ ଏହି ସଂକ୍ଷିପ୍ତ ଚର୍ଚ୍ଚା କରିଛନ୍ତି । ଖବତ୍‌ର ଅର୍ଥ ଗଛର ପତ୍ର ଖାଦ୍ୟ ସାମଗ୍ରୀ ଶେଷ ହୋଇଯାଇଥିବା ଯୋଗୁଁ ସୈନ୍ୟସାମନ୍ତଙ୍କୁ ଗଛର ପତ୍ର ସେବନ କରିବାକୁ ପଡ଼ିଥିଲା । ଇବ୍‌ନେ ସଇଦ୍ ଉକ୍ତ ଘଟଣା ଆଠ ହିଜ୍‌ରୀରେ ଘଟିଥିବାର ଦର୍ଶାଇଛନ୍ତି । ଯାହାକି ସୁଲାହ୍ ହୁଦବିୟାର ସମୟ ଥଲା । ହଜୁର ସ:ଆ:ସଙ୍କ ଦୁରଦୃଷ୍ଟି ଏହା ହୃଦୟଙ୍ଗମ କରିଥିଲା ଯେ ସୁରକ୍ଷା ଦୃଷ୍ଟିକୋଣରୁ ଉକ୍ତ ଦଳକୁ ସିଫୁଲ୍ ବହର୍ ନିକଟକୁ ପ୍ରେରଣ କରିବା ଉଚିତ ହେବ ଯଦ୍ୱାରା ଖବର ମିଳିପାରିବ ଯେ, ସିରିୟାରୁ ଆସୁଥିବା କୁରୈଶ୍‌ର ବ୍ୟବସାୟୀ ଦଳ ସହ କୌଣସି ପ୍ରକାର ସଂଘର୍ଷ ନ ହୋଇ ସନ୍ଧି କରିବାର ବାଟ ବାହାରି ଆସିବ । ଯେହେତୁ ସୁଲ୍‌ହା ହୁଦବିୟା ହୋଇସାରିଥିଲା ତେଣୁ ସେମାନଙ୍କ ସହ ମୁକାବିଲାର ପ୍ରଶ୍ନ ହିଁ ଉଠୁନଥିଲା, ଯଦ୍ୱାରା କୁରୈଶ୍ ଏହି ଆରୋପ ଲଗାଇପାରିବ କି ଦେଖ ମୁସଲମାନମାନେ ଆମ ଉପରେ ଆକ୍ରମଣ କରିଦେଇଥିଲେ । ଇବ୍‌ନେ ସାଆଦ୍‌ଙ୍କ କହିବା ଅନୁଯାୟୀ ଉକ୍ତ ସ୍ଥାନଟି ମଦିନାଠାରୁ ଆଠ ଦିନର ବାଟ ଥିଲା ।

***(ସହି ବୁଖାରୀ..... ଖଣ୍ଡ-୯, ପୃ-୨୩୯....... ନଜାରତ୍ ଇଶାଅତ୍ ରବ୍‌ୱା)***

ସୁତରାଂ ଏହା ଯୁଦ୍ଧ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇନଥିଲା ବରଂ ଅମାନ୍ୟକାରୀଙ୍କ ସୁରକ୍ଷା ପ୍ରଦାନ କରିବାପାଇଁ ପ୍ରେରଣ କରାଯାଇଥିଲା ଯେପରିକି ପୂର୍ବରୁ ମୁଁ ଚର୍ଚ୍ଚା କରିଆସିଲି ଏବଂ ଏପରି ଶତ୍ରୁର ସୁରକ୍ଷା ପାଇଁ ମଧ୍ୟ ଆୟୋଜନ କରାଯାଇଥାଏ । କାରଣ ଯେତେବେଳେ ସନ୍ଧି ହୋଇଗଲା ସେତେବେଳେ ଶତ୍ରୁକୁ ଆପତି କରିବାର କୌଣସି ଅବସର ଦେବାର ନାହିଁ । ସେ ଯାହା ହେଉ ପ୍ରଭୁଙ୍କ ବିଧାନ ପୂରଣ ହେବାର ଥିଲା ଏବଂ ତାହା ହିଁ ହେଲା ତେଣୁ ଯଦି ସନ୍ଧିଭଙ୍ଗ ହେଲା ତେବେ ତାହା ଅମାନ୍ୟକାରୀଙ୍କ ତରଫରୁ ହୋଇଥିଲା ଏବଂ ତାହା ମକ୍କା ବିଜୟର କାରଣ ପାଲଟି ଥିଲା ।

ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି, ମକ୍କା ବିଜୟ ଦିବସରେ ହଜୁର ସ:ଆ:ସ ମକ୍କାରେ ପ୍ରବେଶ କଲେ ଆପଣ ହଜ୍‌ରତ୍ ଜୁବୈରଙ୍କୁ ସେନା ଦଳର ଗୋଟିଏ ପାର୍ଶ୍ୱ ଓ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍‌ଙ୍କୁ ଅନ୍ୟ ପାର୍ଶ୍ୱରେ ମୁତୟନ କରିଥିଲେ ଓ ହଜ୍‌ରତ୍ ଅବୁ ଉବୈଦା ର:ଅ ପଦାତିକ ମାନଙ୍କ ସର୍ଦ୍ଦାର୍ ଅର୍ଥାତ ସେନାଧକ୍ଷ ଥିଲେ ।

***(ସହି ମୁସ୍‌ଲିମ୍, ହଦିସ୍ ନଂ-୧୭୮୦)***

ହଜୁର ସ:ଆ:ସ ବେହେରନ୍ ନିବାସୀଙ୍କ ସହ ଟିକସ ଦେବା ସର୍ତରେ ସନ୍ଧି କରିଥିଲେ ଏବଂ ସେମାନଙ୍କ ଉପରେ ଅଲା ବିନ୍ ହଜ୍‌ରମିଙ୍କୁ ଅମୀର ମୁତୟନ କରିଥିଲେ । ସେଠାକୁ ହଜୁର ହଜ୍‌ରତ୍ ଅବି ଉବୈଦାଙ୍କୁ ଟିକସ ଆଦାୟ କରିବା ନିମନ୍ତେ ପ୍ରେରଣ କଲେ । ଯେତେବେଳେ ସେ ସେଠାରୁ ଟିକସ ନେଇ ମଦିନା ପ୍ରତ୍ୟାବର୍ତନ କଲେ ଏବଂ ସମସ୍ତେ ହଜୁର ସ:ଆ:ସଙ୍କ ପଛରେ ଫଜର ନମାଜ ପାଠ କଲେ ହଜୁର ନମାଜ ପାଠ କରି ଯେତେବେଳେ ପଛକୁ ବୁଲି ଦେଖିଲେ ସେତେବେଳେ ହଜୁର ତାଙ୍କୁ ଦେଖି ସ୍ମିତହାସ୍ୟ ପ୍ରକାଶ କଲେ ଏବଂ କହିଲେ ତୁମମାନଙ୍କୁ ଜଣାପଡ଼ିଗଲାଣି ଯେ, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ କିଛି ନେଇ ଫେରିଛନ୍ତି । ଅର୍ଥାତ ଧନସମ୍ପତି, ଅର୍ଥ, ପୁଞ୍ଜି ଆଦି ନେଇ ଫେରିଛନ୍ତି । ଲୋକେମାନେ କହିଲେ ଯି ହଜୁର । ହଜୁର ସ:ଆ:ସ ପୁନଶ୍ଚ କହିଲେ ପ୍ରସନ୍ନିତ ହୋଇଯାଅ ଯାହା ତୁମମାନଙ୍କ ପାଇଁ ଉତମ ତାହା ପାଇଁ ଆଶା ବାନ୍ଧ ମୁଁ ତୁମମାନଙ୍କ ପାଇଁ ଏଥିପାଇଁ ଭୟଭୀତ ନୁହେଁ ଯେ, ତୁମେ ଅଭାବ ଓ ଅନଟନର ଦିନ କାଟିବ । ବରଂ ଏଥିସକାଶେ ଓ ଏହି କାରଣରୁ ଏହି କାରଣ ମତେ ଘାରୁଛି ଯେ ସଂସାର ତୁମମାନଙ୍କ ପାଇଁ ପ୍ରଶସ୍ତ କରି ନଦିଆଯାଉ ଏବଂ ତୁମେମାନେ ଈର୍ଷା ପରାୟଣ ହୋଇ ନିଜକୁ ଧ୍ୱଂସ ନ କରିଦିଅ । ଅର୍ଥାତ ସଂସାର ପ୍ରାପ୍ତିରେ ଆଗକୁ ତୁମେ ଯେତେ ବଢ଼ିବ ସାଂସାରିକ ଭୋଗବିଳାସ ତୁମମାନଙ୍କୁ ପ୍ରାପ୍ତ ହୋଇଚାଲିବ ଏବଂ ତୁମର ଲୋଭ ପ୍ରବୃତି ବଢ଼ିଚାଲିବ ଏବଂ ତାହା ତୁମକୁ ଧ୍ୱସଂ କରିଦେବ । ଏହି ଭୟ ମତେ ଘାରୁଅଛି କି ସାଂସାରିକ ମୋହମାୟାରେ ତୁମେମାନେ କବଳିତ ହୋଇ ନିଜକୁ ନଷ୍ଟ ନ କରିଦିଅ । ଅତଃ ଏହି ସତର୍କବାଣୀ ଆମ ସମସ୍ତଙ୍କୁ ନିଜ ସମ୍ମୁଖରେ ସ୍ମରଣ ରଖିବା ଉଚିତ ଆଜି ଆମେ ଦେଖୁଅଛେ ଯେ, ଆମେ, ଆମ ନେତାମାେ. ଆମ ମୁଖିଆମାନେ ଯାହାଙ୍କ ନିକଟରେ ବେଶ୍ ଧନରତ୍ନ ଓ ସମ୍ପତି ରହିଛି ସେମାନେ ଅଧିକ ଲୋଭର ବଶବର୍ତୀ ହୋଇଯାଇଛନ୍ତି । ସେମାନଙ୍କ ସଂସାରପ୍ରାପ୍ତିର ଲାଳସା ବେଶ୍ ବଢ଼ିଚାଲିଛି । ପ୍ରଭୁଙ୍କ ଜପ ତ କରିଥାନ୍ତି କିନ୍ତୁ ସାଂସାରିକ ଚାକଚକ୍ୟ ଓ ଭୋଗବିଳାସ ସେମାନଙ୍କୁ ଗ୍ରାସ କରିଅଛି । ଅତଏବ ଏହି ଦୃଷ୍ଟିକୋଣରୁ ଆମମାନଙ୍କୁ ସର୍ବଦା ନିଜର ନିରୀକ୍ଷଣ କରିବା ଉଚିତ । ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ଧନ ତ ଆସିବ କିନ୍ତୁ ତାହାକୁ ନେଇ ଆମେ ନିଜ ଦୀନ୍‌କୁ ନିଜ ଧର୍ମକୁ ପାସୋରି ଯିବା ଉଚିତ ନୁହେଁ ।

***(ଅଶ୍‌ରା ମୁବଶିରା ଲେଖକ ବଶିର୍ ସାଜିଦ୍.... ପୃ-୮୦୯... ଲାହୋର ୨୦୦୦)***

ଦଶ ହିଜ୍‌ରୀରେ ହଜ୍‌ତୁଲ୍ ୱିଦା ଅବସରରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ହଜୁର ସ:ଆ:ସଙ୍କ ସାଥିରେ ହଜ୍ କରିଥିଲେ । ***(ଅଶ୍‌ରା ମୁବଶିରା, ଲେଖକ ବଶିର୍ ସାଜିଦ...... ପୃ-୮୦୧...... ଲାହୋର ୨୦୦୦)***

ଯେତେବେଳେ ହଜୁର ସ:ଆ:ସଙ୍କ ଦେହାନ୍ତ ଘଟିଲା ସେତେବେଳେ ଲୋକମାନଙ୍କ ମଧ୍ୟରେ ବଚସା ହେଲା କି ହଜୁର ସ:ଆ:ସଙ୍କ କବର ଲେହଦ୍ ପରି ହେବା ଉଚିତ । ଲେହଦ୍ ଅର୍ଥ ଭୁଗର୍ଭରେ ମରଶରୀରରକୁ ରଖି ଏକ ଥାକ ପରି କରି ସେଠାରେ ପଟା ଦେଇ ମାଟି ଭରିବା । ଅତଏବ ହଜ୍‌ରତ୍ ଅବ୍‌ବାସ ର:ଅ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଓ ହଜ୍‌ରତ୍ ଅବୁ ତଲ୍‌ହା ର:ଅଙ୍କ ତରଫରୁ ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କଲେ ଏବଂ ଏହି ନିଷ୍ପତି ହେଲା ଯେ ସେମାନଙ୍କ ମଧ୍ୟରୁ ଯିଏ ପ୍ରଥମେ ଆସି କହିବ ସେହିପରି ହିଁ ହଜୁର ସ:ଆ:ସଙ୍କ କବର ପ୍ରସ୍ତୁତ କରାଯିବ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ମକ୍କାର ଶୈଳୀ ଅନୁଯାୟୀ ଲେହଦ୍ ପରି କବର କରିବାକୁ ଚାହୁଁଥିଲେ ଏବଂ ତାଙ୍କ ନିକଟକୁ ପ୍ରେରଣ କରାଯାଇଥିବା ବ୍ୟକ୍ତି ତାଙ୍କୁ ମିଳିଗଲା ସୁତରାଂ ହଜ୍‌ରତ୍ ଅବୁ ତଲ୍‌ହା ଆସିଲେ ଏବଂ ହଜୁର ସ:ଆ:ସଙ୍କ କବର ଲେହଦ୍ ପରି ପ୍ରସ୍ତୁତ କରାଗଲା ।

***(ସିରତ୍ ଇବ୍‌ନେ ହୁଶାମ୍, ଖଣ୍ଡ-୨, ପୃ-୬୬୩...... ସିରସ୍ ୧୯୫୫)***

ହଜୁର ସ:ଆ:ସଙ୍କ ଦେହାବସାନ ପରେ ଖିଲାଫତ୍ ପାଇଁ ଅନ୍‌ସାର ଓ ମୁହାଜିର୍‌ଙ୍କ ମଧ୍ୟରେ ମତାନ୍ତର ଦେଖାଗଲା । ଏଥି ସଂକ୍ରାନ୍ତରେ ସହୀ ବୁଖାରୀରେ ଦରଜ ରହିଛି କି, ଯାହାକି ମୁଁ ପୂର୍ବେ ମଧ୍ୟ ଆଲୋଚନା କରିଆସିଛି । କିନ୍ତୁ ଏଠାରେ ହଜ୍‌ତର୍ ଅବି ଉବୈଦାଙ୍କ ଚର୍ଚ୍ଚାରେ ଆଲୋଚନା କରିଦେବା ମଧ୍ୟ ଉପଯୋଗୀ ହେବ । ହଜୁର ସ:ଆ:ସଙ୍କ ଦେହାନ୍ତ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ପରେ ଅନ୍‌ସାରମାନେ ହଜ୍‌ରତ୍ ସାଆଦ୍ ବିନ୍ ଅବାଦାଙ୍କ ଘରେ ଏକତ୍ରିତ ହେଲେ ଏବଂ ସେମାନେ କହିଲେ ଆମମାନଙ୍କ ମଧ୍ୟରୁ ଜଣେ ଅମୀର ଓ ତୁମମାନଙ୍କ ମଧ୍ୟରୁ ଜଣେ ଅମୀର ହେବା ଉଚିତ ଅର୍ଥାତ ମୁହାଜିରମାନଙ୍କ ମଧ୍ୟରୁ ଜଣେ ଓ ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ଉଭୟ ପକ୍ଷରୁ ଜଣେ ଜଣେ ଅମୀର ହେବା ଉଚିତ । ମୁହାଜିର୍ ମାନଙ୍କ ତରଫରୁ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍ ଓ ହଜ୍‌ରତ୍ ଅବି ଉବୈଦା ର:ଅ ଗଲେ, ହଜ୍‌ରତ୍ ଉମର୍ ର:ଅ କିଛି କହିବା ପୂର୍ବରୁ ହଜ୍‌ରତ୍ ଅବୁବକର ର:ଅ ତାଙ୍କୁ ରୋକି ଦେଲେ । ହଜ୍‌ରତ୍ ଉମର୍ କୁହନ୍ତି ମୁଁ ଏକ ବକ୍ତୃତା ପ୍ରସ୍ତୁତ କରିଥିଲି ଯାହାକି ମତେ ବେଶ୍ ପସନ୍ଦ ଥିଲା କିନ୍ତୁ ଯେତେବେଳେ ହଜ୍‌ରତ୍ ଅବୁବକର ର:ଅ ଏଭଳି ସୁନ୍ଦର ଓ ସ୍ୱାଗତ ଯୋଗ୍ୟ ଅଭିଭାଷଣ ଉପସ୍ଥାପନ କଲେ ଯାହାକି ସମସ୍ତ ବକ୍ତୃତାଠାରୁ ଶ୍ରେୟସ୍କର ଥିଲା ସେଥିରେ ସେ କହିଲେ ଆମେ ମୁହାଜିର୍ ଅମୀର ଓ ତୁମେମାନେ ଅନ୍‌ସାର ଅର୍ଥାତ ମନ୍ତ୍ରୀ । ଏଥିରେ ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ର:ଅ କହିଲେ କଦାପି ନୁହେଁ ପ୍ରଭୁଙ୍କ ରାଣ ! ଆମେ ତାହା କସ୍ମିନକାଳେ ସ୍ୱୀକାର କରିବୁ ନାହିଁ ଜଣେ ଅମୀର ତୁମ ମଧ୍ୟରୁ ଓ ଆଉ ଜଣେ ଆମ ମଧ୍ୟରୁ ହେବେ । ସେ ନିଜର କଥାରେ ଅଟଳ ରହିଲେ କିନ୍ତୁ ହଜ୍‌ରତ୍ ଅବୁବକର ର:ଅ କହିଲେ ଦେଖ କୁରୈଶ୍ ଆଭିଜାତ୍ୟ ଦୃଷ୍ଟିକୋଣରୁ ଆରବୀୟମାନଙ୍କ ମଧ୍ୟରେ ଉଚ୍ଚ ଓ ପୁରାତନ ତେଣୁ ଆମମାନଙ୍କ ମଧ୍ୟରୁ ଅମୀର ହେବା ଉଚିତ ସୁତରାଂ ହଜ୍‌ରତ୍ ଉମର୍ ଓ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ମଧ୍ୟରୁ ଜଣକୁ ତୁମେମାନେ ଚୟନ କରିନିଅ ଓ ନିଜ ନେତା ଓ ଖଲିଫା ଚୟନ କରି ତାଙ୍କ ହାତରେ ବୟତ କରିନିଅ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ନାଁ ଆମେ ତ ଆପଣଙ୍କ ହସ୍ତରେ ବୟତ କରିବୁ କାରଣ ଆପଣ ଆମର ସର୍ଦ୍ଦାର ଏବଂ ଆମମାନଙ୍କ ମଧ୍ୟରୁ ସବୁଠାରୁ ଉତ୍ତମ ତଥା ଆପଣ ହଜୁର ସ:ଆ:ସଙ୍କ ସବୁଠାରୁ ପ୍ରୀୟ ଥିଲେ । ଏହା କହି ହଜ୍‌ରତ୍ ଉମର୍ ହଜ୍‌ରତ୍ ଅବୁବକର ର:ଅଙ୍କ ହାତ ଧରିନେଲେ ଓ ବୟତ କରିନେଲେ ଏଥିଅନ୍ତେ ଅନ୍ୟ ସାହାବାମାନେ ମଧ୍ୟ ହଜ୍‌ରତ୍ ଅବୁବକର ର:ଅଙ୍କ ହସ୍ତରେ ବୟତ କରିନେଇଥିଲେ ।

*(ସହି ବୁଖାରୀ..... ହଦିସ୍ ନଂ-୩୬୬୮)*

ହଜ୍‌ରତ୍ ଅବୁବକର ର:ଅଙ୍କ ଦୃଷ୍ଟିରେ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କର ଏହି ମର୍ଯ୍ୟାଦା ଥିଲା ଯେ ହଜୁର ସ:ଆ:ସଙ୍କ ବିୟୋଗ ପରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ନାମ ଖିଲାଫତ ପାଇଁ ନାମାଙ୍କିତ କରିଥିଲେ । ସେହିପରି ହଜ୍‌ରତ୍ ଉମର୍ ର:ଅ ମଧ୍ୟ ନିଜ ବିୟୋଗ ପୂର୍ବରୁ କହିଲେ ଯେ ଯଦି ହଜ୍‌ରତ୍ ଅବୁ ଉବୈଦା ର:ଅ ଜୀବିତ ଥାନ୍ତେ ତେବେ ପରବର୍ତ୍ତୀ ଖଲିଫା ତାଙ୍କୁ ହିଁ ଚୟନ କରାଯାଇଥାନ୍ତା କାରଣ ସେ ଏହି ଉମ୍ମତର ଅମୀନ୍ । *(ସିରସ୍ ସାହାବା...... ଖଣ୍ଡ-୨, ପୃ-୧୨୬-୧୨୭...... କରାଚି ପାକିସ୍ତାନ)*

ହଜ୍‌ରତ୍ ଅବୁବକର ର:ଅ ଯେତେବେଳେ ଖିଲାଫତ ଆସନରେ ଅଭିଷିକ୍ତ ହେଲେ ସେତେବେଳେ ସେ ବଇତୁଲ୍ ମାଲର ଦାୟିତ୍ୱ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ଉପରେ ନ୍ୟସ୍ତ କରିଥିଲେ । ୧୩ ହିଜ୍‌ରୀରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କୁ ସିରିୟା ଅଭିମୁଖେ ସେନାଦଳର ମୁଖିଆ କରି ପ୍ରେରଣ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ଖିଲାଫତର ଆସନରେ ବିରାଜମାନ ହେବାପରେ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦଙ୍କୁ ସେନାଧକ୍ଷ ପଦରୁ ନିଲମ୍ବିତ କରିଦେଇଥିଲେ ଏବଂ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କୁ ସେନାଧକ୍ଷ କରିଥିଲେ । *(ସଏରେ ଏଲାମ୍....... ଖଣ୍ଡ-୧, ପୃ-୧୫...... ଦରଶକ୍ ୨୦୧୪)*

ସିରିୟା ବିଜୟ ସମୟରେ ଅର୍ଥାତ ୧୩ ହିଜ୍‌ରୀରେ ରୋମିମାନେ ଭିନ୍ନ ଭିନ୍ନ ଦିଗରୁ ସେନା ନିୟୋଜିତ କରିଥିଲେ । ଗୋଟିଏ ସୈନ୍ୟଦଳର କାଏଦ୍ ହଜ୍‌ରତ୍ ୟଜିଦ୍ ବିନ୍ ଅବୁ ସୁଫିୟାନ ଥିଲେ । ସେ ଉରଦୁନ୍‌ର ପୂର୍ବ ପଟରୁ ଆକ୍ରମଣ କରିଥିଲେ । ଦ୍ୱିତୀୟ ପାର୍ଶ୍ୱରୁ ହଜ୍‌ରତ୍ ଶୁର୍ ହିବିଲ୍ ବିନ୍ ହସ୍‌ନା ଥିଲେ ଏବଂ ତୃତୀୟ ପ୍ରାନ୍ତରୁ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ ମଙ୍ଗ ଧରିଥିଲେ ଯେ ପାଲେଷ୍ଟାଇନ୍ ଦିଗରୁ ସିରିୟାକୁ ପ୍ରବେଶ କରିଥିଲେ । ଚତୁର୍ଥ ଦଳର କାଏଦ୍ ଅର୍ଥାତ ମୁଖ୍ୟ ହଜ୍‌ରତ୍ ଅବୁ ଉବୈଦା ର:ଅ ଥିଲେ ଯେ, ହମସ୍ ପଟରୁ ମୋର୍ଚ୍ଚା ସମ୍ଭାଳିଥିଲେ ଓ ଆଗକୁ ବଢ଼ିଥିଲେ । ହଜ୍‌ରତ୍ ଅବୁବକର ର:ଅଙ୍କ ନିର୍ଦ୍ଦେଶ କ୍ରମେ ଯେତେବେଳେ ଏ ସମସ୍ତେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଯିବେ ନିର୍ଦ୍ଦେଶ ଥିଲା ଯେ ତୁମ ସମସ୍ତଙ୍କର ଅର୍ଥାତ ଚାରିଦଳର ସେନାଧକ୍ଷ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ହେବେ । ପ୍ରତ୍ୟେକ ଦଳରେ ୪ ହଜାର ସୈନ୍ୟ ଥିଲେ ଏପରି ଚାରୋଟି ଦଳରେ ମୋଟ ମୁସଲମାନ ସେନାଦଳର ସଂଖ୍ୟା ୧୬ହଜାର ଥିଲା । ଆକ୍ରମଣ ଅଭିମୁଖେ ବାହାରିବା ପୂର୍ବରୁ ହଜ୍‌ତର୍ ଅବି ଉବୈଦା ସମସ୍ତ କାଏଦ୍‌ମାନଙ୍କୁ ଏହି ଉପଦେଶ ଦେଇଥିଲେ ଯେ ଦେଖ ନିଜ ସାଥିମାନଙ୍କ ଉପରେ ଚାପ ପକାଇବ ନାହିଁ ନାଁ ନିଜ ଜାତି ଓ ସାଥିମାନଙ୍କ ଉପରେ ଅତିଷ୍ଟ ହେବ, ସେମାନଙ୍କ ସହ ପରାମର୍ଶ କରିବ ଏବଂ ନ୍ୟାୟ ଆଚରଣ କରିବ । କାହା ଉପରେ ଅତ୍ୟାଚାର କରିବନାହିଁ କାରଣ ଅତ୍ୟାଚାରି କେବେ ବି ସଫଳ ହୋଇନଥାଏ । ଯେତେବେଳେ ଶତ୍ରୁସହ ମୁହାଁମୁହିଁ ହୋଇଯିବ ସେତେବେଳେ ପଛଘୁଂଚା ଦେବ ନାହିଁ କାରଣ ପରମେଶ୍ୱର କୁହନ୍ତି ଯେ ଯିଏ ପଛଘୁଂଚା ଦିଏ ତାହା ଉପରେ ପ୍ରଭୁଙ୍କ ଅଭିଶାପ ପଡ଼ିଥାଏ ଏବଂ ତାହାର ବାସସ୍ଥଳୀ ନର୍କ ହୋଇଥାଏ । ଦେଖ ସୁରାଃ ଅନ୍‌ଫାଲରେ ଉଲ୍ଲେଖ ରହିଛି ଯଦି ତୁମେ ଶତ୍ରୁ ଉପରେ ବିଜୟ ପ୍ରାପ୍ତି କର ତେବେ କୌଣସି ନାବାଳକ, ବୃଦ୍ଧ ଓ ମହିଳାଙ୍କୁ ହତ୍ୟା କରିବ ନାହିଁ କୌଣସି ପଶୁଙ୍କୁ ମାରିବ ନାହିଁ । ପ୍ରତିଜ୍ଞା ଭଙ୍ଗ କରିବ ନାହିଁ ଇତ୍ୟାଦି ।

ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ସର୍ବପ୍ରଥମେ ସିରିୟାର ମାଆବ୍ ସହର ଉପରେ ବିଜୟ ଲାଭ କରିଥିଲେ ଏହାପରେ ସେ ଜାବିୟା ଆଡ଼କୁ ମୁହାଁଇଥିଲେ ଯେଉଁଠି ରୋମିମାନଙ୍କର ବିଶାଳ ସେନା ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ବସିଥିଲା । ଏହା ଦେଖି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ସେନାରେ ଅତିରିକ୍ତ ସାହାଯ୍ୟ ପାଇଁ ନିବେଦନ ପତ୍ର ପ୍ରେରଣ କରିଥିଲେ । ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କ ଅଧକ୍ଷତାରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ସେନାଦଳରେ ନେତା ରୂପେ ନିଯୁକ୍ତ କରି ତାଙ୍କୁ ସାହାଯ୍ୟ ପାଇଁ ପ୍ରେରଣ କରିଥିଲେ ଏବଂ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ଏହି ପତ୍ର ଲେଖିଥିଲେ କି ମୁଁ ଖାଲିଦଙ୍କୁ ଅମୀର ମୁତୟନ କରିଦେଇଛି ଏବଂ ମୁଁ ବେଶ୍ ଭଲଭାବରେ ଜାଣେ ଯେ ତୁମେ ତାଙ୍କଠାରୁ ଶ୍ରେୟସ୍କର ଓ ଉତ୍ତମ ଅଟ । ସମ୍ପୂର୍ଣ୍ଣ ପତ୍ରରେ ଲେଖାବଳି ଅର୍ଥାତ ଶବ୍ଦାବଳୀ ଏପରି ଥିଲା କି ହେ ଈଶ୍ୱରଙ୍କ ଭକ୍ତ ଅତିକ୍ ବିନ୍ ଅବୁ କାହାଫା ! ହଜ୍‌ରତ୍ ଅବୁବକର ର:ଅଙ୍କର ଅସଲ ନାମ ଅତିକ୍ ଥିଲା ଓ ତାଙ୍କ ନାମ କାହାଫା ଥିଲା ।

ଏହି ପତ୍ର ଅବୁ ଉବୈଦାଙ୍କ ନାମରେ ପ୍ରେରଣ କରାଯାଉଅଛି, ତୁମ ଉପରେ ପ୍ରଭୁଙ୍କ ମଙ୍ଗଳ ଅବତୀର୍ଣ୍ଣ ହେଉ । ମୁଁ ସିରିୟା ଅଭିମୁଖେ ବାହାରିଥିବା ସେନାର ଅଧିପତି ଖାଲିଦ୍ ବିନ୍ ୱଲିଦକୁ କରୁଅଛି । ଆପଣ ଏହାର ପ୍ରତିବାଦ କରିବେନାହିଁ ବରଂ ତାଙ୍କର ଆଦେଶ ଶୁଣି ତାହାର ପାଳନ କରିବେ, ମୁଁ ତାଙ୍କୁ ତୁମର ଅଫିସର କରିଅଛି ମୁଁ ଜାଣେ ଯେ ଆପଣ ତାଙ୍କ ଠାରୁ ଉତ୍ତମ ଓ ଉଚ୍ଚ ପାହ୍ୟାର କିନ୍ତୁ ମୋ ମତରେ ତାଙ୍କଠାରେ ଯୁଦ୍ଧ କୌଶଳ ଓ ରଣନୀତି ପ୍ରସ୍ତୁତ କରିବା କ୍ଷମତା ଆପଣଙ୍କ ଅପେକ୍ଷା ଅଧିକ ରହିଛି । ଅଲ୍ଲାଃ ଆପଣଙ୍କୁ ଓ ମତେ ସତ୍‌ପଥରେ ପ୍ରତିଷ୍ଠିତ ରଖନ୍ତୁ । ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ଖୈରା ଯାହାକି ଇରାକର ଏକ ସହର ସେଠାରୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କୁ ପତ୍ର ଲେଖିଥିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ ଏହି ଅଧକ୍ଷତା ପାଇଁ କେବେବି ଦାବି କରିନାହିଁ ଓ ନାଁ ହିଁ ମୋର ଏପରି କୌଣସି ମନବାଞ୍ଛା ରହିଛି, ଆପଣଙ୍କର ମର୍ଯ୍ୟାଦା ଯେପରି ପୂର୍ବେ ଥିଲା ସେହିପରି ଆପଣଙ୍କର ମର୍ଯ୍ୟାଦା ବଜାୟ ରହିବ । ଆପଣ ମୁସଲମାନମାନଙ୍କର ଅଧିପତି ଆପଣଙ୍କର ଶ୍ରେଷ୍ଠତାକୁ ଆମେମାନେ ଖଣ୍ଡନ କରିପାରିବୁ ନାହିଁ ନା ହିଁ ଆପଣଙ୍କର ପରାମର୍ଶକୁ ନିବୃତଚିତ ହୋଇପାରିବୁ । *(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୧୯-୨୧) (ଅଶ୍‌ରା ମୁବଶରା, ଲେଖକ ବଶିର୍ ସାଜିଦ...... ପୃ-୮୦୪...... ଲାହୋର ୨୦୦୦) (ସିରସ୍ ସାହାବା...... ଖଣ୍ଡ-୪, ପୃ-୪୫୭-୪୫୯...... କରାଚି) (ଫର୍‌ହଙ୍ଗ ସିରତ୍, ପୃ-୧୧୦...... କରାଚି ୨୦୦୩)*

ହଜୁର ଅନଓ୍ୱର ଅ:ବ:ଅ କହିଲେ ଦେଖ ଏହା ହେଉଛି ବିଶ୍ୱାସକାରୀମାନଙ୍କର ମର୍ଯ୍ୟାଦା ଓ ଗୌରବ । ଉଭୟ ପକ୍ଷରୁ ଅର୍ଥାତ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଓ ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ ଉଭୟଙ୍କ ପକ୍ଷରୁ କିଭଳି ବିନିତମୂଳକ ଆଜ୍ଞାପାଳନର ଆଚରଣ ପ୍ରଦର୍ଶିତ ହୋଇଅଛି ।

ଅଜ୍‌ନାଦିନ ଯୁଦ୍ଧ ଅର୍ଥାତ ୧୩ ହିଜ୍‌ରୀ ପିଲସ୍ତିନ୍‌ର ଆଖପାଖ ଅଂଚଳରେ ଏକ ସ୍ଥାନ ଅଜ୍‌ନା ଦିନ୍ । ଯେଉଁସ୍ଥଳେ ଏକଲକ୍ଷ ରୋମି ସେନାଙ୍କ ସହିତ ମୁସଲମାନମାନଙ୍କର ମୁକାବିଲା ହୋଇଥିଲା । ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ଅଜ୍‌ନାଦିନ୍ ସହର ସେନାଧକ୍ଷ କୈସ୍‌ର ରୋମ୍‌ର ମହାପ୍ରତାପି ସମ୍ରାଟ ହିର୍‌କଲ୍‌ର ଭାଇ ଥିଓଡୋର (Theodore) ଥିଲା । ମାତ୍ର ୩୫ ହଜାର ମୁସଲମାନ ସେନା ଏକଲକ୍ଷ ରୋମିମାନଙ୍କୁ ପରାସ୍ତ କରି ଅଜ୍‌ନାଦିନ୍ ସହରକୁ ନିଜ ଅଧିନସ୍ଥ କରିନେଇଥିଲେ । *(ଅଶ୍‌ରା ମୁବଶରା, ଲେଖକ ବଶିର୍ ସାଜିଦ..... ପୃ-୮୦୫...... ଲାହୋର ୨୦୦୦) (ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୧, ପୃ-୧୨୯ ବେରୁତ)*

ଅଜ୍‌ନା ଦିନ୍ ବିଜୟ ପରେ ମୁସଲମାନମାନେ ଶତ୍ରୁର ଘେରାଉ କରିନେଇଥିଲେ ତାହା ସିରିୟାର ରାଜଧାନୀ ଥିଲା ତଥା ବିଶ୍ୱର ସର୍ବ ପୁରାତନ ସହର ମଧ୍ୟରୁ ଗୋଟିଏ ଥିଲା । ଯାହାର ଘେରାଉ ଚଉଦ ହିଜ୍‌ରୀରେ ହୋଇଥିଲା ଏବଂ ଉକ୍ତ ଘେରାଉ ଦୀର୍ଘ ଛଅମାସ ପର୍ଯ୍ୟନ୍ତ ବଳବତର ରହିଥିଲା । ଶତ୍ରୁ ଦୁର୍ଗ ଭିତରେ ନିଜକୁ ଅବରୋଧ କରିନେଇଥିଲା, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ନିଜ ସୈନ୍ୟମାନଙ୍କ ସହ ଦୁର୍ଗର ପୂର୍ବ ଦ୍ୱାରରେ ମୁତୟନ ଥିଲେ, ହଜ୍‌ରତ୍ ଖାଲିଦ୍ ବିନ୍ ୱଲିଦ୍ ପଶ୍ଚିମ ଦ୍ୱାରର ମଙ୍ଗ ଧରିଥିଲେ । ବାକି ତିନୋଟି ସୈନ୍ୟଦଳ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ମୁତୟନ ରହିଥିଲେ । ରୋମିମାନେ ମଝିରେ ମଝିରେ ବାହାରି ଯୁଦ୍ଧ କରି ଦୁର୍ଗ ଭିତରେ ଶରଣ ନେଉଥିଲେ । ସେମାନଙ୍କର ଆଶା ଥିଲା

କି କୈସର୍ ସମ୍ରାଟ ତାଙ୍କ ସାହାଯ୍ୟ ନିମନ୍ତେ ସୈନ୍ୟ ପ୍ରେରଣ କରିବେ । କିନ୍ତୁ ଇସ୍‌ଲାମୀୟ ସେନାର ଅବିରାମ ମୁତୟନ ରହିବା ସେମାନଙ୍କ ଆଶାକୁ ତଳିତଳାନ୍ତ କରିଦେଇଥିଲା । ଏକଦା ସହରରେ ଯେତେବେଳେ ରୋମିମାନେ ଉତ୍ସବରେ ମଜି ରହିଥିଲେ ଏବଂ ଦୁର୍ଗ ରକ୍ଷୀମାନେ ମଧ୍ୟ ସେହି ଆନନ୍ଦରେ ସାମିଲ ହୋଇଯାଇଥିଲେ ସେତେବଳେ ହଜ୍‌ରତ୍ ଖାଲିଦ୍ ବିନ୍ ୱ୍ଲିଦ୍ କିଛି ସାଥିମାନଙ୍କ ସାହାଯ୍ୟରେ ଦୁର୍ଗ ଚଢ଼ି ମୁଖ୍ୟ ଦ୍ୱାର ଖୋଲିଦେଇଥିଲେ । ଏପରି ତାଙ୍କ ସେନା ସହର ଭିତରେ ପ୍ରବେଶ କରିଯାଇଥିଲା, ଏହା ଦେଖି ସହରବାସୀ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ସହ ଯେ ଅନ୍ୟ ଦ୍ୱାରରେ ମୁତୟନ ଥିଲେ ସନ୍ଧି କରିନେଇଥିଲେ କିନ୍ତୁ ଖାଲିଦ୍ ବିନ୍ ୱ୍ଲିଦ୍‌ଙ୍କୁ ଏକଥା ଜଣାନଥିଲା ଏବଂ ସେ ଶତ୍ରୁର ମୁକାବିଲା କରିଚାଲିଥିଲେ ଅତଏବ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ନିକଟକୁ ଲୋକେ ଗଲେ ଏବଂ କହିଲେ ଆମକୁ ଖାଲିଦ୍ ବିନ୍ ୱ୍ଲିଦ୍‌ଙ୍କ କବଳରୁ ରକ୍ଷା କରନ୍ତୁ । ସହରର ମଧ୍ୟସ୍ଥଳରେ ଉଭୟ ମୁସଲମାନ ନେତା ଅର୍ଥାତ ଖାଲିଦ୍ ବିନ୍ ୱ୍ଲିଦ୍ ଓ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ମୁହାଁମୁହିଁ ହୋଇଥିଲା । ସେଠାରେ ପୁନଃ ସହରବାସୀଙ୍କ ସହ ସନ୍ଧି କରାଗଲା କାରଣ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ପୂର୍ବରୁ ସେମାନଙ୍କ ସହ ସନ୍ଧି କରିନେଇଥିଲେ । ***(ଅଶ୍‌ରା ମୁବଶରା, ଲେଖକ ବଶିର୍ ସାଜିଦ...... ପୃ-୮୦୫-୮୦୬...... ଲାହୋର ୨୦୦୦)***

ଫିହଲ୍ ହେଉଛି ସିରିୟାର ଏକ ସହର । ଦମିସ୍କ ବିଜୟ ପରେ ମୁସଲମାନ ଆଗକୁ ଅଗ୍ରସର ହୋଇଥିଲେ ସେଠାରେ ସେମାନଙ୍କୁ ଖବର ମିଳିଥିଲା ଯେ, ରୋମି ବେସାନ୍ ସ୍ଥଳେ ଏକତ୍ରୀତ ହୋଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ବସ୍ତୁତଃ ମୁସଲମାନମାନେ ଫିହଲ୍‌ଠାରେ ନିଜ ଶିବିର ପ୍ରସ୍ତୁତ କରିଥିଲେ ଓ ରୋମି ସେନାଧକ୍ଷ ସନ୍ଧି କରିବାକୁ ନିଜ ପ୍ରତିନିଧି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ନିକଟକୁ ପ୍ରେରଣ କରିଥିଲା । ଯେତେବେଳେ ସେ ମୁସଲମାନ ସୈନ୍ୟଦଳ ନିକଟରେ ପହଂଚିଲେ ସେତେବେଳେ ସେ ଦେଖିଲେ ଯେ, ସେଠାରେ ଛୋଟବଡ଼ ଅଫିସର ଓ ଅଧିନସ୍ଥ କର୍ମଚାରୀ ସମସ୍ତେ ଏକତ୍ର ହୋଇ ବସି ରହିଛନ୍ତି ଏବଂ କୌଣସି ପ୍ରକାର ଫରକ ସେମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉନାହିଁ । ଶେଷରେ ସେ ବାଧ ହୋଇ କାହାରିକୁ ପଚାରିଲା ଯେ, ଆପଣଙ୍କ ସେନାଧକ୍ଷ କିଏ ? ଲୋକେ ଜଣେ ସାଧାରଣ ଲୋକ ନିକଟକୁ ଇଙ୍ଗିତ କରି କହିଲେ କି ଅମୁକ ବ୍ୟକ୍ତି ଜଣକ ହେଉଛନ୍ତି ଆମ ସେନାଧକ୍ଷ । ସମ୍ପୃକ୍ତ ବ୍ୟକ୍ତି ତାଙ୍କ ନିକଟକୁ ଯାଇ କହିଲେ, ଆପଣ ମୁସଲମାନମାନଙ୍କର ସେନାପତି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ କହିଲେ ହଁ । ସେ ନିଜ ସମ୍ରାଟର ପ୍ରସ୍ତାବ ଧରି କହିଲା ଯେ, ଆପଣ ଏଠାରୁ ନିଜ ସେନାକୁ ଫେରାଇ ନିଅନ୍ତୁ ଏହା ପ୍ରତିବଦଳରେ ଆପଣଙ୍କ ପ୍ରତି ସୈନିକକୁ ଦୁଇଟି ସୁନାର ଅସ୍‌ରଫି ପ୍ରଦାନ କରାଯିବ ଏବଂ ସେନାପତିକୁ ଏକହଜାର ଦୀନାର ପ୍ରଦାନ କରାଯିବ ତଥା ଆପଣଙ୍କ ଖଲିଫାଙ୍କୁ ଦୁଇ ହଜାର ଦୀନାର ପ୍ରଦାନ କରାଯିବ । ଏହି ପ୍ରସ୍ତାବକୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଅସ୍ୱୀକାର କରିଥିଲେ ଏବଂ କହିଲେ, ଯେ ଆମେ ଏଠାକୁ ଅର୍ଥ ଉର୍ପାଜନ କରିବାକୁ ଆସିନାହୁଁ ବରଂ ଆମେ ପ୍ରଭୁଙ୍କ କଲମାର ଟେକ ଓ ମର୍ଯ୍ୟାଦା ରକ୍ଷା କରିବାକୁ ଆସିଛୁ । ସନ୍ଦେଶ ବାହକ ମୁସଲମାନମାନଙ୍କୁ ଚେତାବନୀ ଦେଇ ସେଠାରୁ ଚାଲିଗଲା । ତାହାର ଏଭଳି ପ୍ରତିକ୍ରୀୟା ଦେଖି ହଜ୍‌ରତ୍ ଅବି ଉବୈଦା ସେନାକୁ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଲେ । ପରବର୍ତୀ ଦିନ ଉଭୟ ଦଳ ମଧ୍ୟରେ ଘମାସାନ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ହଜ୍‌ରତ୍ ଅବି ଉବୈଦା ସେନାର ମଧ୍ୟଭାଗରେ ଉପସ୍ଥିତ ଥିଲେ ଏବଂ ବେଶ୍ ବୁଦ୍ଧିମାନର ସହିତ ନିଜ ସେନାର ମନବଳକୁ ଉର୍ଦ୍ଧରେ ରଖି ମୁକାବିଲା କରାଇଥିଲେ ଏପରିକି ଶତ୍ରୁ ତୁଳନାରେ ମୁସଲମାନମାନଙ୍କ ସଂଖ୍ୟା ଖୁବ୍ କମ୍ ରହିଥିବା ସତ୍ୱେ ନିଜ ପ୍ରତିଦ୍ୱନ୍ଦି ରୋମିମାନଙ୍କୁ ସେମାନେ ପରାସ୍ତ କରିଦେଇଥିଲେ ଏହିଭଳି ରୋମିମାନଙ୍କ ସମସ୍ତ ଅଂଚଳ ମୁସଲମାନମାନଙ୍କ ଅଧିନସ୍ଥ ହୋଇଥିଲା । ***(ଅଶ୍‌ରା ମୁବଶରା, ଲେଖକ ବଶିର୍ ସାଜିଦ...... ପୃ-୮୦୭-୮୦୮...... ଲାହୋର ୨୦୦୦)***

ଫହେଲ୍ ସହର ବିଜୟ ପରେ ହଜ୍‌ରତ୍ ଅବି ଉବୈଦା ର:ଅ ଆଗକୁ ହମସ୍ ସହର ଅଭିମୁଖେ ଅଗ୍ରସର ହୋଇଥିଲେ ଯାହାକି ଏକ ସୁପ୍ରଶିଦ୍ଧ ସହର ଥିଲା ଓ ଯୁଦ୍ଧ ଓ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ପ୍ରମୁଖ ସ୍ଥାନ ଥିଲା । ରାସ୍ତାରେ ବାଲ୍‌ବକ୍ ନାମକ ଏକ ପୁରାତନ ସହର ମଧ୍ୟ ରହିଥିଲା ଯାହା ଅତିକ୍ରମ କରିବା ଜରୁରୀ ଥିଲା । ଯାହାକି ଦମିସ୍କଠାରୁ ତିନିରାତ୍ରୀ ଯାତ୍ରା କରିବା ଦୁରତାରେ ଅବସ୍ଥିତ ଥିଲା ଏବଂ ଉକ୍ତ ସହରଟି ପୂର୍ବେ ବାଲ୍ ପିତୁଳାର ମୁଖ୍ୟ କେନ୍ଦ୍ର ମଧ୍ୟ ରହିଥିଲା । ସେଠାକାର ବାସିନ୍ଦା ହଜ୍‌ତର୍ ଅବି ଉବୈଦା ର:ଅଙ୍କ ମୁକାବିଲା କରିବା ପରିବର୍ତେ ସନ୍ଧି କରିବାକୁ ଶ୍ରେୟସ୍କର ମଣିଥିଲେ ଯଦ୍ୱାରା ସେମାନଙ୍କଠାରୁ ଟିକସ ଦେବା ସର୍ତରେ ତାଙ୍କ ସହିତ ତାଙ୍କ ନିବେଦନ ସ୍ୱୀକାର କରିନିଅଯାଇଥିଲା ଏବଂ ସେମାନେ ସ୍ୱାଧିନ ଭାବରେ ସ୍ୱଧର୍ମରେ ନିଜର ସମସ୍ତ ରିତି ପରମ୍ପରା ପାଳନ କରିବାକୁ ଅନୁମତି ଲାଭ କରିଥିଲେ । ହଜ୍‌ତର୍ ଅବି ଉବୈଦା ର:ଅ ହମସ୍ ଅଭିମୁଖେ ଯାତ୍ରା କଲେ ଏବଂ ତାହାର ଘେରାଉ କଲେ । ହଜ୍‌ରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ମଧ୍ୟ ଆପଣଙ୍କ ସାଥିରେ ଥିଲେ, ସହରବାସୀଙ୍କର ଆଶା ଥିଲା ଯେ, କୈସର୍ ସେନା ତାଙ୍କର ସାହାଯ୍ୟ ପାଇଁ ଆସିବେ ସେଥିପାଇଁ ସେମାନେ ମୁକାବିଲା ପାଇଁ ପ୍ରସ୍ତୁତ ହେଲେ କିନ୍ତୁ ଯେତେବେଳେ ସେମାନଙ୍କର ସମସ୍ତ ଆଶା ମଉଳି ଯାଇଥିଲା ଓ ଫସର ଫାଟିଯାଇଥିଲା ସେତେବେଳେ ସେମାନେ ଆତ୍ମସର୍ମପଣ କରି ସନ୍ଧି ପାଇଁ ନିବେଦନ କରିଥିଲେ ଯାହାକି ମୁସଲମାନମାନେ ସ୍ୱୀକାର କରିନେଇଥିଲେ । ସନ୍ଧିର ସହିତ ସେମାନଙ୍କ ଧନଜୀବନର ସୁରକ୍ଷା ତଥା ସେମାନଙ୍କର ଉପାସନା ପୀଠ ଓ ଘରବାଡ଼ି ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ ଏବଂ ଯେ କେହି ସ୍ୱଧର୍ମରେ ପ୍ରତିଷ୍ଠିତ ରହିବାକୁ ଇଚ୍ଛୁକ ତାହାକୁ କେବଳ ଟିକସ ଦେଇ ଓ ନିଜ ଧର୍ମକର୍ମ ବଜାୟ ରଖିବାକୁ ଅନୁମତି ଦିଆଯାଇଥିଲା ।

ଲାଜିକିୟା ସିରିୟାର ଏକ ସହର ଥିଲା ଲାଜ୍‌କିଆ ଯାହାକି ସମୁଦ୍ର କୁଳରେ ଅବସ୍ଥିତ ଏକ ଅଂଚଳ । ହମସ୍‌ର ଆଖପାଖ ଅଂଚଳରେ ଏହାର ଗଣନା ହୋଇଥାଏ । ସେ ଯାହା ହେଉ ଉକ୍ତ ସହରକୁ ମଧ୍ୟ ମୁସଲମାନମାନେ ଘେରାଉ କରିନେଇଥିଲେ । ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିକୋଣରୁ ଉକ୍ତ ସହର ବେଶ୍ ଉତମ ଥିଲା । ସହରବାସୀଙ୍କ ନିକଟରେ ବେଶ୍ ଖାଦ୍ୟ ସାମଗ୍ରୀ ରହିଥିଲା ଯଦ୍ୱାରା ଘେରାଉ କରିବା ଦ୍ୱାରା ମଧ୍ୟ ସେମାନଙ୍କ ଉପରେ କୌଣସି ପ୍ରଭାବ ପଡିନଥିଲା । ହଜ୍‌ତର୍ ଅବି ଉବୈଦା ର:ଅ ଉକ୍ତ ସହର ବିଜୟ କରିବାପାଇଁ ଏକ ଅଭିନବ ଉପାୟ ପାଂଚିଲେ, ଆପଣ ଦିନେ ରାତ୍ରୀ ସମୟରେ ଭୁପୃଷ୍ଠରେ ଅନେକ ଗର୍ତ ଖୋଳାଇଲେ । ଏବଂ ତାହାକୁ ଘାସ ଦ୍ୱାରା ଆଚ୍ଛାଦିତ କରିଦେଲେ ଏବଂ ସକାଳୁ ଉଠି ମୁସଲମାନ ସେନା ହମସ୍ ଆଡ଼କୁ ବାହାରି ଯାଇଥିଲା ଏପରି ସେମାନେ ଶତ୍ରୁଙ୍କୁ ଏହି ବାର୍ତା ଦେବାକୁ ଚାହିଁଥିଲେ ଯେ, ଆମେମାନେ ଫେରିଯାଉଛୁ ଅତଏବ ସହର ବାସୀ ଘେରାଉ ଉଠିବା ଦେଖି ଆନନ୍ଦିତ ମୁଖର ହୋଇଯାଇଥିଲେ ଏବଂ ସହରର ମୁଖ୍ୟ ଫାଟକ ଖୋଲି ଦେଇଥିଲେ । ଅନ୍ୟ ପାର୍ଶ୍ୱରେ ରାତାରାତି ହଜ୍‌ତର୍ ଅବି ଉବୈଦା ର:ଅ ନିଜ ସେନା ଫେରାଇ ଆଣି ସେହି ଗର୍ତମାନଙ୍କ ମଧ୍ୟରେ ଲୁଚାଇ ଦେଇଥିଲେ ଅର୍ଥାତ ଛପି ରହିଥିଲେ ଯାହାକି ସୁଡ଼ଙ୍ଗ ଥିଲା । ସେମାନେ ପୂର୍ବରୁ ତିଆରି କରିଥିଲେ, ସକାଳେ ଯେତେବେଳେ ସହରର ଫାଟକ ଖୋଲିଲା ସେତେବେଳେ ମୁସଲମାନମାନେ ହଠାତ୍ ଆକ୍ରମଣ କରିଦେଲେ ଏବଂ ସହରରେ ପ୍ରବେଶ କରି ସହରକୁ ବିଜୟ କରିନେଇଥିଲେ ଓ ନିଜ ଅଧିନସ୍ଥ କରିନେଇଥିଲେ । ***(ସିରସ୍ ସାହାବା...... ଖଣ୍ଡ-୨, ପୃ-୧୨୮...... ପାକିସ୍ତାନ) (ଅଶ୍‌ରା ମୁବଶିରା, ଲେଖକ ବଶିର୍ ସାଜିଦ...... ପୃ-୮୦୯...... ଲାହୋର ୨୦୦୦) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୬...... ବେରୁତ)***

ବାକି ଅଂଶ ପରବର୍ତୀ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି ।

ଆଜିକାଲି ପାକିସ୍ତାନର ଅହେମଦୀ ଭାଇଭଉଣୀଙ୍କ ପାଇଁ ଅଧିକ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ମୌଳବାଦୀ ଓ ସରକାରଙ୍କ ଅଧିନ କର୍ମଚାରୀଙ୍କ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ସେଠାରେ ପୁଣି ବିରୋଧର ଲହରୀ ଖେଳିଯାଇଛି । ଆଇନର ରକ୍ଷାକର୍ତାମାନେ କେବଳ ନ୍ୟାୟକୁ ଭୁଲି ଯାଇନାହାନ୍ତି ବରଂ ଆଇନ ଶୃଙ୍ଖଳାର ଶିର ଛେଦ କରି ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଚାଲିଛନ୍ତି । ଯେଉଁ ମୌଲବୀ କିଛି ପୋଲିସଙ୍କୁ ଅହେମଦୀ ବିରୋଧରେ କୌଣସି କଥା କହିଦିଏ ତାହେଲେ ପୋଲିସ ସଙ୍ଗେ ସଙ୍ଗେ ତାହା ପଛରେ ଚାଲିବା ଆରମ୍ଭ କରିଦିଅନ୍ତି କାରଣ ସେମାନଙ୍କୁ ରାଜନୈତିକ ପୃଷ୍ଟପୋଷକତା ଯେପରି ମିଳିଯିବ କିନ୍ତୁ ଏହା ସେମାନଙ୍କ ଭ୍ରମଧାରଣା ସେମାନେ ସର୍ବଦା ଏହା ସ୍ମରଣ ରଖିବା ଉଚିତ ଯେ ଏହି ବସ୍ତୁ ହିଁ ସେମାନଙ୍କର ବିନାଶର କାରଣ ପାଲଟିବ । ଆମେମାନେ ତ ପୂର୍ବେ ମଧ୍ୟ ଏପରି ଦୁଃଖକଷ୍ଟ ଓ କଷଣ ସହି ମଧ୍ୟ ଦେଇ ଗତି କରିଆସୁଥିଲୁ ଓ ବର୍ତମାନ ମଧ୍ୟ ଇନ୍‌ଶାଅଲ୍ଲାଃ ତାଲା ଗତି କରିଚାଲିଯିବୁ କିନ୍ତୁ ସେମାନଙ୍କର ଏଭଳି ଆଚରଣରୁ ଯଦି ସେମାନେ ନିବୃତ ନ ରୁହନ୍ତି ତାହେଲେ ସେମାନଙ୍କର ବିନାଶ ସୁନିଶ୍ଚିତ । ସୁତରାଂ ଅହେମଦୀମାନଙ୍କୁ ଆଜିକାଲି ବହୁତ ଦୁଆ କରିବାର ଆବଶ୍ୟକତା ରହିଛି ଅଲ୍ଲାଃ ତାଲା ଏହି ସମସ୍ୟାକୁ ଦୂର କରନ୍ତୁ ଏବଂ ଆମେମାନେ ଅଲ୍ଲାଃ ତାଲାଙ୍କ ସହିତ ନିଜର ସମ୍ପର୍କକୁ ବିଶେଷରୂପେ ଦୃଢ଼ିଭୁତ କରିବାର ଆବଶ୍ୟକତା ରହିଛି । ବିଶେଷ କରି ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନେ ଏବଂ ବାହାରେ ବସବାସ କରୁଥିବା ଅହେମଦୀମାନେ ମଧ୍ୟ । ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗ ଯଥା ଶୀଘ୍ର ଆମମାନଙ୍କୁ ପ୍ରାପ୍ତ ହେଉ ଏବଂ ସେଠାରେ ବସବାସ କରୁଥିବା ପ୍ରତ୍ୟେକ ଅହେମଦୀମାନେ ଉପରୋକ୍ତ ସମସ୍ୟାରୁ ମୁକ୍ତ ହୁଅନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସନ୍ତ୍ରାସବାଦ ସଂଘଠନ ଗୁଡ଼ିକ ଇସ୍‌ଲାମ୍ ନାମରେ ଅତ୍ୟାଚାର କରୁଛନ୍ତି ତେବେ ଏହା ଏଥିପାଇଁ ଯେ, ସେମାନେ ନିଜର ଶିକ୍ଷାରୁ ଦୁରେଇ ଯାଇଛନ୍ତି ଓ କେବଳ ନିଜସ୍ୱ ହିତକୁ ପ୍ରାପ୍ତ କରିବାକୁ ଚାହୁଁଛନ୍ତି ଆଜିକାଲିର ବିବାଦ ଓ ଯୁଦ୍ଧ ସହିତ ଧର୍ମର କୌଣସି ସମ୍ପର୍କ ନାହିଁ । ବରଂ ଏହା ଧନଦଉଲତ, ଶକ୍ତି ହାସଲ କରିବା ଏବଂ ଭୌଗଳିକ ବିଜୟ ପ୍ରାପ୍ତ ଉଦ୍ଦେଶ୍ୟରେ ଉପୁଜିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହି କଥାଗୁଡ଼ିକୁ ଆଖି ଆଗରେ ରଖି ମୁଁ ନିଜ ହୃଦୟର ଅନ୍ତରରୁ ପ୍ରାର୍ଥନା କରୁଅଛି ଯେ, ଈଶ୍ୱର କରନ୍ତୁ ଯେ, ଏ ପୃଥିବୀବାସୀ ସାମୁହିକ ହିତ ପାଇଁ ଏକାଠି ହୁଅନ୍ତୁ ଏବଂ ଏକ ମନପ୍ରାଣ ହୋଇ କାମ କରନ୍ତୁ । ଏବଂ ଆପୋଷରେ ଥିବା ଭରଷା ଓ ବୁଝାମଣାକୁ ପ୍ରୋତ୍ସାହିତ କରନ୍ତୁ । ଆସନ୍ତୁ ଆମେ ସମସ୍ତେ ଧର୍ମଗୁଡ଼ିକ ଉପରେ ଆପତି ଅଭିଯୋଗ କରିବା ବା ଜଣେ ଅନ୍ୟଜଣକ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ପରିବର୍ତେ ସମସ୍ତେ ମିଳିମିଶି ନିଜର ସମସ୍ତ ଶକ୍ତିକୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଖର୍ଚ୍ଚ କରିବା ଓ ନିଜର ଆସନ୍ତା ପିଢ଼ି ପାଇଁ ଏକ ସୁରକ୍ଷିତ ଭବିଷ୍ୟତକୁ ଛାଡ଼ିଯିବା । ଆମର ଆସନ୍ତା ପିଢ଼ି ଆମକୁ ଘୃଣା ଓ ଅପ୍ରସନ୍ନତାର ସହିତ ନୁହେଁ ବରଂ ପ୍ରେମ ଓ ସ୍ନେହର ସହିତ ମନେ ପକାନ୍ତୁ । ଈଶ୍ୱର କରନ୍ତୁ ଯେ, ସବୁ ଲୋକମାନେ ଏବଂ ସମସ୍ତ ଦେଶଗୁଡ଼ିକ ଜଣେ ଅନ୍ୟଜଣଙ୍କର ଅଧିକାରକୁ ପୁରଣ କରୁଥିବେ ଏବଂ ଈଶ୍ୱର କରନ୍ତୁ ଯେ ସହାନୁଭୁତି ଏବଂ ନ୍ୟାୟ ପ୍ରତ୍ୟେକ ପ୍ରକାରର ଅନ୍ୟାୟ ଅନିତି ଏବଂ ମତଭେଦ ଉପରେ ବିଜୟ ପ୍ରାପ୍ତ କରୁ ।

ଏତିକି କହିବାପରେ ଏବେ ଆଉ ଥରେ ପୁଣି ଆପଣ ସମସ୍ତଙ୍କର ଧନ୍ୟବାଦ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ଯେ, ଆପଣମାନେ ସମସ୍ତେ ଏଠାକୁ ଆସିଲେ । ବହୁତ ବହୁତ ଧନ୍ୟବାଦ

ଅଭିଭାଷଣର ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ, ସେଥିରେ ସମସ୍ତ ଅତିଥିମାନେ ନିଜ ନିଜ ଶୈଳି ମୁତାବକ ସାମିଲ ହୋଇ ପ୍ରାର୍ଥନା କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ୭:୨୩ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ।

**ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ପତ୍ରିକାର ଫ୍ରେଂଚ ଏଡ଼ିଶନ୍‌ର ୱେବସାଇଟ୍‌ର ଶୁଭାରମ୍ଭ**

ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ରିଭ୍ୟୁ ଅଫ୍ ରିଲିଜିଅନ୍‌ର ଫ୍ରେନ୍‌ଚ ଏଡ଼ିଶନ୍‌ର ୱେବସାଇଟକୁ ଉନ୍ମୋଚନ କଲେ । ଏବେ ଏହି ପତ୍ରିକାଟି ପ୍ରିଂଟ ଏଡ଼ିଶନ୍ ସହିତ ଏହାର ଇଂଟନନେଟ୍ ଏଡ଼ିଶନ୍ ମଧ୍ୟ ଉପଲବ୍ଧ ହେବ । ଏହିଭଳି ଇନ୍‌ଶାଅଲ୍ଲାଃ ଏହି ପତ୍ରିକା ଜରିଆରେ ଫ୍ରେନ୍‌ଚ ଭାଷା କହୁଥିବା କୋଟି କୋଟି ଲୋକମାନଙ୍କ ନିକଟରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପହଂଚିବ ।

ରିଭ୍ୟୁ ଅଫ୍ ରିଲିଜିଅନ୍ସ ପତ୍ରିକା ହେଉଛି ସେହି ବାବର୍‌କତ ପତ୍ରିକା ଯାହାକୁ ହଜ୍‌ରତ୍ ମସିହ ମଉଦ୍ ଆ:ସ ୧୯୦୨ ମସିହାରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଇସ୍‌ଲାମ୍‌ର ସୁନ୍ଦର ଓ ବାସ୍ତବିକ ଶିକ୍ଷା ସହିତ ପରିଚିତ କରାଇବା ପାଇଁ ଜାରି କରିଥିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ଯୁଗରେ ହିଁ ଏହି ପତ୍ରିକାର ପ୍ରଶିଦ୍ଧି ଏତେମାତ୍ରାରେ ବଢ଼ିଯାଇଥିଲା ଯେ, ପାଶ୍ଚାତ୍ୟ ଖବରକାଗଜଗୁଡ଼ିକ, ପତ୍ରପତ୍ରିକା ଏବଂ ଜ୍ଞାନୀଗୁଣି ଲୋକମାନେ ଏହାର ବିଭିନ୍ନ ହଓ୍ୱାଲା ଦେଇଛନ୍ତି ।

ଏବେ ଯାଏଁ ରିଭ୍ୟୁ ଅଫ୍ ରିଲିଜିଅନ୍ସ ପତ୍ରିକାଟି ଚାରୋଟି ଭାଷାରେ ପ୍ରକାଶ ହେଉଅଛି ଅର୍ଥାତ ଇଂରାଜୀ (ମାସିକ), ଜର୍ମାନ (ତ୍ରୟମାସିକ), ଫ୍ରେଂଚ (ତ୍ରୟମାସିକ) ଏବଂ ସ୍ପାନିଷ୍ (ତ୍ରୟମାସିକ) ପ୍ରକାଶନ ହେଉଅଛି । ଫ୍ରେଂଚ ଏଡ଼ିଶନ୍ ବିଗତ ଦୁଇବର୍ଷ ହେବ ପ୍ରିଂଟି ଏଡ଼ିଶନ୍‌ରେ ଉପଲବ୍ଧ ଥିଲା କିନ୍ତୁ ଏବେ ଇଂଟରନେଟ୍ ଜରିଆରେ ବହୁ ସଂଖ୍ୟାରେ ଲୋକମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ସହିତ ପରିଚିତ ହେବାର କାରଣ ହେବ । ଇନ୍‌ଶାଅଲ୍ଲାଃ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଟେଂଟରୁ ବାହାରକୁ ବାହାରିଲେ ଓ ହ୍ୟୁମାନିଟିଫାଷ୍ଟ ଫ୍ରାନ୍ସର କାର୍ଯ୍ୟାଳୟ ଭିତରକୁ ପ୍ରବେଶ କଲେ । ଏହି ବିଭାଗଟି ମଧ୍ୟ ଜଲ୍‌ସା ଅବସରରେ ନିଜର ଗୋଟିଏ କାର୍ଯ୍ୟାଳୟ ପ୍ରତିଷ୍ଠା କରିଥିଲା । ଯେଉଁଥିରେ ଏହି ବିଭାଗ ଜରିଆରେ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଚିତ୍ର ଓ ଲିଖିତ ଭାଷାରେ ପ୍ରଦର୍ଶନ କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ଏହାର ନିରୀଣକ୍ଷ କଲେ ଏବଂ ବିଷୟ ସମ୍ବନ୍ଧରେ ପଚାରି ବୁଝିଲେ ।

ଆଜିକାର ଏହି ଉତ୍ସବରେ ଫ୍ରାଙ୍କୋଫୋନ୍ ଦେଶଗୁଡ଼ିକ ସହିତ ସମ୍ବନ୍ଧ ରଖିଥିବା ୭୫ ଜଣ ଅତିଥି ସାମିଲ ହୋଇଥିଲେ । ଏତଦ୍ ଭିନ୍ନ ଏହି ଦେଶଗୁଡ଼ିକ ସହିତ ସମ୍ବନ୍ଧ ରଖିଥିବା ନୁତନ ଅହେମଦୀମାନେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

ଆଉ ଗୋଟିଏ ଅଲଗା ସାମିୟାନା ମଧ୍ୟରେ ଏହି ଅତିଥିମାନଙ୍କ ନିମନ୍ତେ ରାତ୍ର ଭୋଜନ କରିବାର ବ୍ୟବସ୍ଥା କରାଯାଇଥିଲା । ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଏହି ସାମିୟାନା ଭିତରେ ପ୍ରବେଶ କଲେ, ଯେଉଁଠି ସେହି ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଖାଦ୍ୟ ଗ୍ରହଣ କଲେ ।

ଭୋଜନ କରିସାରିବା ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଯେଉଁ ଅତିଥିମାନେ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ କଥା ହେଉଥିଲେ ଏବଂ ସେହି ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୮:୫୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷ ଜଲ୍‌ସାଗାଃରେ ପଦାର୍ପଣ କରି ମଗ୍‌ରିବ ଏବଂ ଇଶା ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କର ଆଜିକାର ଏହି ଅଭିଭାଷଣ ଅଣମୁସଲମାନ ଏବଂ ଅଣ ଅହେମଦୀ ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । କେତେକ ଅତିଥି ଏ ସମ୍ବନ୍ଧରେ ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ।

✲ ଏ ଇଲାକାର ମେୟର ନିଜର ମନେଭାବକୁ ବ୍ୟକ୍ତ କରି କହିଲେ ଯେ ଯେବେ ମୁଁ ବୁଧବାର ଦିନ ଖଲିଫତୁଲ୍ ମସିହଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ପହଂଚିଲି ସେତେବେଳେ ମତେ ଯେଉଁ ବିଷୟଟି ବହୁତ ପ୍ରଭାବିତ କରିଥିଲା ତାହା ହେଉଛି ଏହା କି ଖଲିଫତୁଲ୍ ମସିହ୍ ଅତ୍ୟନ୍ତ ଶାନ୍ତ ଓ ସ୍ଥିର ଚିତ ବିଶିଷ୍ଟ ବ୍ୟକ୍ତି ବିଶେଷ । ଆଜି ଏ ସଂସାର ଧାଁ ଧପଡ଼ କରିଚାଲିଛି । ସେ ରାଜନେତା ହୁଅନ୍ତୁ ବା ଧାର୍ମିକ ନେତା ହୁଅନ୍ତୁ ସମସ୍ତେ ଅସ୍ତବ୍ୟସ୍ତ ଓ ଅସ୍ଥିର ଅଛନ୍ତି । କିନ୍ତୁ ଖଲିଫତୁଲ୍ ମସିହଏତେ ଲମ୍ବା ଯାତ୍ରା କରି ଆସିବା ସତ୍ୱେ ମଧ୍ୟ ବହୁତ ଶାନ୍ତ, ସନ୍ତୁଷ୍ଟ ଏବଂ ହସ ହସ ଚେହେରାରେ ମିଶିଲେ ।

✲ ଜଣେ ମହିଳା ଅତିଥି Alfonsina Bellio ସାହିବା ଯିଏ ପେଶାରେ ଜଣେ Anlhropologist, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ ମୁଁ ଖଲିଫାଙ୍କ ବକ୍ତବ୍ୟ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଯେତେବେଳେ ଖଲିଫା ଏକଥା କହିଲେ ଯେ ଫ୍ରାନ୍ସରେ ଯେଉଁ ସବୁ ଆକ୍ରମଣ କରାଯାଇଅଛି ସେ ସବୁକୁ ନିନ୍ଦା କରୁଛୁ । ସେ ଏକଥା ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଏହିପରି ଆକ୍ରମଣର ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ । ଖଲିଫତୁଲ୍ ମସିହ ହେଉଛନ୍ତି ଶାନ୍ତିପ୍ରୀୟ ଖୋଲା ହୃଦୟ ସମ୍ପନ୍ନ ଏବଂ ଉଦାରବାଦକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ବିଶେଷ ।

ସେ ଇସ୍‌ଲାମ୍‌ର ଯେଉଁ ବାସ୍ତବିକ ଛବିକୁ ଉପସ୍ଥାପନ କଲେ ସେଥିରୁ ଜଣାପଡୁଛି ଯେ ମୁସଲମାନମାନେ ବହୁତ ସହଜରେ ପାଶ୍ଚାତ୍ୟ ଦେଶ ଗୁଡ଼ିକରେ Integrate (ଏକୀଭୁତ) ହୋଇ ପାରିବେ । ଯେଉଁମାନେ ଏକଥା କହୁଛନ୍ତି ଯେ ପାଶ୍ଚାତ୍ୟ ଦୁନିଆରେ ଇସ୍‌ଲାମ୍‌ର କୌଣସି ସ୍ଥାନ ନାହିଁ ଓ ମୁସଲମାନମାନେ ସମାଜରେ ମିଳିମିଶି ରହିପାରିବେ ନାହିଁ ବୋଲି, ସେମାନେ ଭୁଲ କହୁଛନ୍ତି । ଏମିତି ଚିନ୍ତାଧାରା ରଖିଥିବା ଲୋକମାନଙ୍କୁ ଆଜିର ଭାଷଣ ଶୁଣିବାର ଥିଲା ।

✲ ଜଣେ ଗଏର୍ ଅହେମଦୀ (ଅଣଅହେମଦୀ) ମୁସଲମାନ ମୁର୍‌ତଜା ସାହେବ୍, ଯାହାଙ୍କ ସମ୍ବନ୍ଧ ଇରାନ୍ ଦେଶ ସହିତ ରହିଛି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ ତାଙ୍କୁ ଆଜି ଅହେମଦୀୟା କମ୍ୟୁନିଟି ଓ ଖଲିଫତୁଲ୍ ମସିହଙ୍କ ପଦମର୍ଯ୍ୟଦା) ସମ୍ବନ୍ଧରେ ପ୍ରଥମ ଥର ପାଇଁ ଜ୍ଞାତ ହେଲା । ଦୁନିଆରେ ଲୋକମାନେ ଇସ୍‌ଲାମ୍ ବିରୁଦ୍ଧରେ ବହୁତ ପ୍ରପୋଗଣ୍ଡା କରୁଛନ୍ତି । ଆଜି ଆପଣଙ୍କ ଖଲିଫା ସେ ସମସ୍ତଙ୍କୁ ସଠିକ ଉତର ଦେଇଛନ୍ତି । ମୁସଲମାନମାନଙ୍କର ଅବସ୍ଥା ଏମିତି ଯେ ସେମାନଙ୍କୁ ନିଜର ଆସ୍ଥା ଓ ବିଶ୍ୱାସ ସମ୍ବନ୍ଧରେ ଜ୍ଞାନ ମଧ୍ୟ ନାହିଁ । ସେମାନଙ୍କୁ ଆପଣଙ୍କ ଖଲିଫାଙ୍କଠାରୁ ପ୍ରକୃତ ଇସ୍‌ଲାମ୍ ଶିଖିବା ଉଚିତ । ଖଲିଫା ସାହେବ ଆଜି ଏହା ସ୍ପଷ୍ଟ କରିଦେଇଛନ୍ତି ଯେ ଅସଲରେ ଜିହାଦ୍ କଣ ଓ ଆଜିକାଲି ଏହାର କିପରି ଭୁଲ ବ୍ୟାଖ୍ୟା କରାଯାଇଅଛି । ଖଲିଫା ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗର ଘଟଣାବଳୀ ଉପସ୍ଥାପନ କଲେ । ସେଥିରୁ ପ୍ରମାଣିତ ହେଉଅଛି ଯେ ଇସ୍‌ଲାମ୍ ହେଉଛି ଏକ ଶାନ୍ତିପ୍ରୀୟ ଧର୍ମ । ମୁଁ ମୋ ଜୀବନକାଳ ମଧ୍ୟରେ ପ୍ରଥମଥର ପାଇଁ ଏତେ ଜ୍ଞାନବର୍ଦ୍ଧକ ହୃଦୟସ୍ପର୍ଶୀ ଭାଷଣ ଶୁଣିବାକୁ ପାଇଲି ।

✲ ମରାକିଶ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ଅଣଅହେମଦୀ ଅତିଥି ସୁଫିୟାନ୍ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ: ମତେ ଆଜି ଖଲିଫତୁଲ୍ ମସିହଙ୍କ ଭାଷଣରୁ ଏକଥା ଜଣାପଡ଼ିଲା ଯେ ଆପଣମାନେ ହିଁ ହେଉଛନ୍ତି ପ୍ରକୃତ ଓ ଅସଲ ମୁସଲମାନ । ଯେଉଁମାନେ ଆପଣଙ୍କୁ କହୁଛନ୍ତି ଯେ ଆପଣମାନେ ମୁସଲମାନ ନୁହନ୍ତି, ସେମାନେ ସମ୍ପୁର୍ଣ୍ଣ ଭୁଲ କହୁଛନ୍ତି । ମୌଲବୀମାନେ ପିଲାଦିନୁ ଅହେମଦୀୟତ୍ ସମ୍ବନ୍ଧରେ ଯାହା କିଛି ଶିଖାଇଛନ୍ତି ତାହା ସବୁ ମିଥ୍ୟା ଅଟେ । ଫ୍ରାନ୍ସରେ ଲୋକମାନେ ଇସ୍‌ଲାମ୍ ଓ ମୁସଲମାନମାନଙ୍କୁ ଭୟ କରୁଛନ୍ତି । ଆମେ ଜାଣିନଥିଲୁ ଯେ ଆମେ କି ପ୍ରକାରେ ଏ ସବୁର ମୁକାବିଲା କରିବୁ । ଆଜି ଖଲିଫତୁଲ୍ ମସିହ ବହୁତ ସୁନ୍ଦର ଶୈଳୀରେ ମୁକାବିଲା କରିଛନ୍ତି ।

✲ ଜଣେ ଇସାଇ ଅତିଥି ଶ୍ରୀମାନ୍ Jacob ସାହେବ ନିଜର ମନେଭାବକୁ ବ୍ୟକ୍ତ କରି କହିଲେ: ଏହି ଭଳି ପ୍ରୋଗ୍ରାମର ଆବଶ୍ୟକତା ସଂସାରରେ ବହୁତ ରହିଛି । ଆପଣଙ୍କ ଖଲିଫା ଜାତି ଜାତି ମଧ୍ୟରେ ଥିବା ଓ ଧର୍ମ ଧର୍ମ ମଧ୍ୟରେ ଥିବା ଦୁରତାକୁ କମ କରୁଛନ୍ତି । ସେ ଆମକୁ ଏକଥା ବୁଝାଇଲେ ଯେ ଯେଉଁ ସନ୍ତ୍ରାସବାଦ ସଂଘଠନ ମାନ ରହିଛି, ସେମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ରହିଛି । ଧର୍ମ ହେଉଛି ଏକ ଉତମ ବସ୍ତୁ । ତେଣୁ ଧର୍ମକୁ ଭୟ କରିବାର ନାହିଁ । ଖଲିଫା

ବାରମ୍ବାର ସ୍ୱାଧିନତା ଅର୍ଥାତ ବିବେକ ସ୍ୱାଧିନତା ସମ୍ବନ୍ଧରେ କଥା ହେଲେ । ଏହା ଫ୍ରାନ୍ସର ଲୋକମାନଙ୍କ ପାଇଁ ଏକ ନୂଆ କଥା । ଫ୍ରାନ୍ସର ଲୋକମାନଙ୍କ ମଧ୍ୟରେ ଇସ୍‌ଲାମ୍ ପ୍ରତି ସମ୍ପୂର୍ଣ୍ଣ ଅଲଗା ଚିନ୍ତାଧାରା ରହିଛି ।

✲ ଆଉ ଜଣେ ଅତିଥି Maxine Onfray ସାହେବ ଯିଏ ଥିଙ୍କ ଟ୍ୟାଙ୍କରେ କାର୍ଯ୍ୟରତ, ସେ କହିଲେ ଯେ ଆଜି ମୋ ଜୀବନର ବହୁତ ସୁନ୍ଦର ଦିନ ଅଟେ, ଯେଉଁଥିରେ ମୁଁ ଖଲିଫତୁଲ୍ ମସିହଙ୍କୁ ସିଧାସଳଖ ପ୍ରତ୍ୟକ୍ଷ ରୂପେ ଦେଖିବାକୁ ପାଇଲଇ ଓ ଶୁଣିଲି । ଆପଣଙ୍କ ଖଲିଫା ବିଲ୍‌କୁଲ୍ ଠିକ୍ କହିଛନ୍ତି ଯେ ବର୍ତମାନ ଆମେମାନେ ଏକ ଅନ୍ଧକାର ଯୁଗ ଦେଇ ଗତି କରୁଅଛେ । ଯେଉଁଥିରେ ଘୃଣାଭାବ ଦେଖିବାକୁ ମିଳୁଛି । କିନ୍ତୁ ଏହା ସହିତ ଆମକୁ ଏହା ମଧ୍ୟ ବୁଝାଇଦେଲେ ଯେ ଏହା ସବୁକିଛି ଧର୍ମ ଯୋଗୁଁ ହେଉନାହିଁ । ତେଣୁ ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି ଭୟ କରିବାର ଆବଶ୍ୟକ ନାହିଁ । ଖଲିଫା ଏକଥା କହିଲେ ଯେ ଧର୍ମକୁ ଚରମପନ୍ଥୀ ଲୋକମାନେ Hi-jack କରିନେଇଛନ୍ତି ଓ ତାକୁ ନିଜର ରାଜନୈତିକ ଉଦ୍ଦେଶ୍ୟ ସାଧନ ନିମନ୍ତେ ବ୍ୟବହାର କରୁଛନ୍ତି । ଏହା ସମ୍ପୂର୍ଣ୍ଣ ଠିକ୍ କଥା କହିଛନ୍ତି । ମୁଁ ଏଥିରେ ଏକମତ ।

ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଅତିଥିମାନେ ଖାଇବା ପରେ ଫଟୋ ଉଠାଇଥିଲେ, ସେତେବେଳେ ଜଣେ ମହିଳା ଯାହାଙ୍କର ସମ୍ବନ୍ଧ କୋରିଆ ଦେଶ ସହିତ ରହିଛି, ସେ ମଧ୍ୟ ଫଟୋ ଉଠାଇବା ପାଇଁ ନିବେଦନ କଲେ । ସେହି ମହିଳାଙ୍କ କହିବା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କହିଲେ କଣ ଆପଣଙ୍କର ସମ୍ବନ୍ଧ କୋରିଆ ଦେଶ ସହିତ ଅଛି ? ଏହି ବାକ୍ୟ ଶୁଣିବା କ୍ଷଣି ସେହି ମହିଳା ଜଣଙ୍କ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଯେ ହଜୁର କେମିତି ଜାଣିଲେ ଯେ ମୁଁ କୋରିଆର । ଅତଏବ ସେ ନିଜର ପ୍ରଥାମୁତାବକ ହାତକୁ ଯୋଡ଼ି ନଇଁଯାଇ ବତାଇଲେ ଯେ ତାଙ୍କର ସମ୍ବନ୍ଧ କୋରିଆ ଦେଶ ସହିତ ରହିଛି । ତା'ପରେ ସେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**୬ ଅକ୍ଟୋବର ୨୦୧୯ (ରବିବାର)**

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୬:୦୦ ମିନିଟରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ଯମାତ୍ ଅହେମଦୀୟା ଫ୍ରାନ୍ସର ଜଲ୍‌ସା ସାଲାନାର ତୃତୀୟ ଓ ଶେଷ ଦିବସ ଥିଲା । ପ୍ରୋଗ୍ରାମ ମୁତାବକ ୩:୧୫ ମିନିଟରେ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କଲେ । ସେଠାରେ ବୟତ କରିବାର ସଭା ଆୟୋଜନ ହେଲା । ବୟତ କରିବାର ଏହି ମଜ୍‌ଲିସ୍ କୁ MTA International ସାରା ଦୁନିଆରେ ସିଧା ପ୍ରସାରଣ କଲା । ଏହିପରି ସାରା ଦୁନିଆରେ ବସବାସ କରୁଥିବା ଅହେମଦୀମାନେ ଏହା ସାହାଯ୍ୟରେ ନିଜ ପ୍ରୀୟ ଆକାଙ୍କ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ଅଲଜଜାଇର୍, ମରାକିଶ୍, ବୁର୍କୀନଫାସୋ, ମୋରିସସ୍, ଟ୍ୟୁନସ୍, ଫ୍ରାନ୍ସ୍, କାମେରୁନ୍, କମୁରୋଜ୍ ଉପଦ୍ୱୀପ, ତୁର୍କୀ ଏବଂ କ୍ୟାଲିଡୋନିଆ ଦେଶ ସହିତ ସମ୍ବନ୍ଧ ରଖିଥିବା ୧୧ (ଏଗାର) ଜଣ ସଦସ୍ୟ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ଯେଉଁ କ୍ଷଣି ହଜୁର ଜଲ୍‌ସାଗାଃରେ ଜଲ୍‌ସାର କାର୍ଯ୍ୟକ୍ରମ ନିମନ୍ତେ ପଦାର୍ପଣ କଲେ, ଜଲ୍‌ସାଗାଃଟି ଗଗନଚୁମ୍ବୀ ନାରା (ସ୍ଲୋଗାନ)ରେ ପ୍ରକମ୍ପିତ ହୋଇଉଠିଲା ।

**ଜଲ୍‌ସା ସାଲାନା ଫ୍ରାନ୍ସର ଉଦ୍‌ଯାପନୀ ସଭା**

ଠିକ୍ ୩:୩୦ ମିନିଟରେ ଉଦ୍‌ଯାପନୀ ସଭାର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ହେଲା । ତାହା ମୋକରମ୍ ହାଫିଜ୍ ସଲିମ୍ ତୋରେ ସାହେବ୍ ଆବୃତି କଲେ । ଏହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ମନସୁର୍ ଅହେମଦ୍ ମୁବଶିର୍ ସାହେବ ମୁବଲ୍ଲିଗ ସିଲ୍‌ସିଲା ସ୍ୱାସ୍ଵର୍ଗ ଫ୍ରାନ୍ସ ଉପସ୍ଥାପନ କଲେ ।

ତା'ପରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆରବି କସିଦାଃ ***ବିକଳ ହୌଲୁ ୟା କୟସୁ ୟା ମୟଅଲ୍ ହୁଦା*** ନିର୍ବାଚିତ ପଦଗୁଡ଼ିକୁ ମୋକରମ୍ ହମ୍‌ଜାଃ ବିଲା ରବ୍‌ବି ସାହେବ୍ ବହୁତ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ଉସାମା ଅହେମଦ୍ ସାହାବ୍ ମୁବଲ୍ଲିଗ୍ ଫ୍ରାନ୍ସ ସେହି କସିଦାଃର ଉର୍ଦ୍ଦୁ ଅନୁବାଦ ଉପସ୍ଥାପନ କଲେ । ତା'ପରେ ମୋକରମ୍ ମତ୍‌ଲୁବ୍ ଅହେମଦ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ–

**ୱହ୍ ଦେଖ୍‌ତା ହୈ ଗୈରୋଁ ସେ କ୍ୟୁଁ**
**ଦିଲ୍ ଲଗାତେ ହୋ**
**ଯୋ କୁଛ୍ ବୁତୋଁ ମେଁ ପାତେ ହୋ**
**ଉସ୍‌ମେଁ ୱହ୍ କ୍ୟା ଦେହିଁ**

ପଢ଼ି ଶୁଣାଇଲେ ।

**ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ କରିଥିବା ବିଦ୍ୟାର୍ଥିମାନଙ୍କୁ ସାର୍ଟିଫିକେଟ ବିତରଣ**

ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିଥିବା ୩୫ ଜଣ ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କଲେ । ଏହି ସାର୍ଟିଫିକେଟ ପାଇଥିବା ସୌଭାଗ୍ୟବାନ ବିଦ୍ୟାର୍ଥୀମାନଙ୍କର ନାମ ନିମ୍ନରେ ଦିଆଗଲା ।

| |
|---|
| ନୋମାନ ରଶିଦ୍<br>A Level Human Resources & Communications |
| Absar Ahmed<br>A Level Technology, Information & Digital System |
| Aimene Akkouche<br>A Level Schience |
| Shafiq Muhammad<br>B.A Technology |
| Matlub Ahmad<br>B.A Electrical Engineering |
| Naseer Ahmad Raj[ur<br>B.A Accuntancy & Management. |
| Mohammad Fahim Afzal<br>B.A Science & Technology |
| Malak Numan Muzafar<br>B.A Technology |
| Asadullah<br>B.A Science Electrical Engg. |
| Zeeshan Rasheed<br>Bachelor in Nursing |
| Tauseef Afzal<br>B-Tech Higher National Diploma Accountancy & management |
| Farzan Ahmed<br>Grasuate Chemical Control Pra |
| Suleman Tariq<br>B.Tec Higher National Diploma Electronic |
| Samir Bounperg<br>Master International & Cooperative Finance |
| Muhammad Anwar Ahmed<br>Masters in History |
| Saeed Ahmed Rajput<br>Master in Finance |
| Hassan Ahmad<br>Master in Technology |
| Chetih Ahmad<br>Master Science, Technology and Health |
| Fahad Mahmood Butt<br>(Master Professional in Management, Quality)<br>(Client Relationship Management) |
| Wajahat Chaudhary<br>Master in Marketing & Commercial Development |
| Tamsal Malak<br>Master Management of Information System |
| Hadi Jamal Ahmad<br>Master in Management |
| Muhammad Aman Pere<br>Khalid Mahmood Master Public Administration |
| Ibrahim Chettih<br>Master Intellectual Property law |
| Khan Ahmer<br>A Level Biology |
| Ghulam Ejaz Yasir<br>Master Embedded System Engineering |
| Muhammad Kahlun<br>Advocate in the bar of Strasbourg |
| Baijan Nourou Dine<br>Master in cyber Technology |

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


**ନୂରୁଲ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

| |
|---|
| Aadil Ahmad<br>B-Tec Higher National Diploma Accountancy & Co-operative Management |
| Shakil Ahmad<br>Diploma of Management & Accountancy |
| Dapa Sacko<br>Ph.D MRI |
| Nadim Ahmad Khan<br>Master Businecss Administration |
| Sayed Hussian Ali<br>Masters |
| Louis Le Chevallier<br>Masters Administrative Affairs |
| Rahman Basheer<br>Master Human & Social Science |
| Ataul Aleem |

ଏହି ପୁରସ୍କାର ବିତରଣ ଉତ୍ସବ ପରେ ଠିକ୍ ୪:୧୨ ମିନିଟରେ ହଜୁର ଅନୱ୍ୱର ଅ:ବ:ଅ ଉଦ୍‌ଯାପନି ଅଭିଭାଷଣ ପ୍ରଦାନ କଲେ ।

**ହଜୁର ଅନୱ୍ୱର ଅ:ବ:ଅଙ୍କ ଉଦ୍‌ଯାପନି ଅଭିଭାଷଣ**

ଅଶ୍‌ହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତି କରିବାପରେ ହଜୁର ଅନୱ୍ୱର ଅ:ବ:ଅ ସୁରାଃ ମୁଜାଦଲାର ଆୟତ ନଂ- ୨୨ ତିଲାୱ୍ୱତ୍ କଲେ ଏବଂ ଏହାର ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ତା'ପରେ ହଜୁର ଅନୱ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ଅବଶ୍ୟ ଶକ୍ତିଶାଳି ଏବଂ ପ୍ରଭୁତ୍ୱଶାଳୀ ଅଟନ୍ତି । ଅଲ୍ଲାଃ ତାଲା ଯେବେ ଅମ୍ବିୟା (ଅବତାର)ମାନଙ୍କୁ ପ୍ରେରଣ କରିଥାନ୍ତି ସେତେବେଳେ ତତ୍‌କ୍ଷଣାତ୍ ସେମାନଙ୍କୁ ସଫଳତା ମିଳିବା ଆରମ୍ଭ ହୋଇଯାଏ ନାହିଁ । ବରଂ ବିରୋଧିମାନଙ୍କ ବିରୋଧର ତୁମ୍ବି ତୋଫାନ ଚାଲିଥାଏ । ଏଭଳି ଅନୁଭବ ହୋଇଥାଏ କି ଏବେ ସବୁକିଛି ଶେଷ ହୋଇଗଲା । ସମସ୍ତ ଅବତାରମାନଙ୍କର ଇତିହାସ ଆମକୁ ଏହା ହିଁ ବତାଉଛି ଯେ, ବିରୋଧିମାନେ ନିଜର ସମସ୍ତ ଶକ୍ତିକୁ ସେମାନଙ୍କର ବିରୋଧରେ ଲଗାଇ ଦେଇଥାନ୍ତି କିନ୍ତୁ ଈଶ୍ୱରଙ୍କର ଏ ନିୟତି ରହିଛି କି ସେ ସେମାନଙ୍କୁ ଶେଷ କରିଦିଏ ଫଳତଃ ଅବତରାମାନେ ସଫଳ ହୋଇଥାନ୍ତି । ପବିତ୍ର କୋରାନ୍‌ର ଯେଉଁ ଆୟତ ମୁଁ ପାଠ କଲି ସେଥିରେ ଅଲ୍ଲାଃ ତାଲା ଏହା ହିଁ ବତାଇଛନ୍ତି ଯେ, ଅଲ୍ଲାଃ ତାଲାଙ୍କର ଏ ନିଷ୍ପତି ଯେ, ସେ ଓ ତାହାଙ୍କ ରସୁଲ୍ ହିଁ ବିଜୟ ପ୍ରାପ୍ତ କରିବେ ଏବଂ ସେମାନଙ୍କର ଶତୃମାନେ ଅସଫଳ ହେବେ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଏବଂ ତାଙ୍କ ସାହାବାମାନଙ୍କୁ ମଧ୍ୟ ଭିଷଣ ବିରୋଧର ସାମ୍‌ନା କରିବାକୁ ପଡ଼ିଥିଲା । ବିରୋଧିମାନେ ଏକଥା ଭାବୁଥିଲେ ଯେ, ଏହି କିଛି ନିରସ୍ତ୍ର ଓ ଗରିବ ଲୋକମାନଙ୍କୁ ଆମେ ବହୁତ ସହଜରେ ନିଜ ପାଦତଳେ ଚକଟି ଦେବୁ ଓ ଏମାନଙ୍କୁ ଧ୍ୱସଂ କରିଦେବୁ କିନ୍ତୁ କଣ ହେଲା ? ସେମାନେ ନିଜେ ହିଁ ଦଳି ହୋଇଗଲେ ।

ହଜୁର ଅନୱ୍ୱର ଅ:ବ:ଅ କହିଲେ: ପୁଣି ଏ ଯୁଗରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସଚ୍ଚା ଗୁଲାମ୍ (ଦାସ) ଯେତେବେଳେ ମସିହ ଏବଂ ମେହେଦି ହେବାର ଦାବି କଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଅଲ୍ଲାଃ ତାଲ ତାଙ୍କୁ ସଠିକ୍ ସମୟରେ ପଠାଇଲେ । ଆପଣ ଆ:ସଙ୍କର କୌଣସି ମନଗଢ଼ା ଦାବି ନଥିଲା । ଅଲ୍ଲାଃ ତାଲା ଆପଣ ଆ:ସଙ୍କୁ ମଧ୍ୟ ଯେଉଁଠି ବହୁତ ଗୁଡ଼ିଏ ସୁସମାଚାର ପ୍ରଦାନ କଲେ, ଯମାତ୍‌ର ଉନ୍ନତିର ଖବର ଦେଲେ, ଆପଣଙ୍କୁ ସାହାଯ୍ୟ ଓ ସହଯୋଗ କରିବାର ଖବର ଦେଲେ । ଧର୍ମପ୍ରଚାରକୁ ସମ୍ପୁର୍ଣ୍ଣ କରିବାର ନିର୍ଦ୍ଦେଶକୁ ପୁରା କରିବାପାଇଁ ପ୍ରତିଶୃତିର ଖବର ଦେଲେ ଏବଂ ଆପଣ ଆ:ସଙ୍କୁ ସଫଳତା ଓ ବିଜୟ ପ୍ରାପ୍ତ କରିବାର ଖବର ଦେଲେ ସେଠାରେ ବିରୋଧିମାନଙ୍କ ଅସଫଳତା ବିଷୟରେ ମଧ୍ୟ ଖବର ଦେଲେ । ଅତଏବ ଆପଣ ଆ:ସଙ୍କୁ **କତବଲ୍ଲାହୁ ଲଅଗଲିବନ୍ନା ଆନା ୱ୍ୱ ରୁସୁଲି** ର ଏଲ୍‌ହାମ୍ (ଐଶିବାଣୀ) ୧୮୮୩ ମସିହାଠାରୁ ନେଇ ୧୯୦୬ ମସିହା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅନେକବାର ହୋଇଅଛି । ଅଲ୍ଲାଃ ତାଲା ଆପଣଙ୍କୁ ସାନ୍ତ୍ୱନା ଦେଲେ ଯେ, ତୁମର ବିରୋଧ ହେବା ସତ୍ୱେ ମଧ୍ୟ, ବିରୋଧିମାନଙ୍କର ସମସ୍ତ କୁଚକ୍ର ମଧ୍ୟ, ସରକାର ଆପଣଙ୍କ ବିରୋଧ ହେବା ସତ୍ୱେ ମଧ୍ୟ, ପ୍ରତ୍ୟେକ ଧର୍ମ ଏବଂ ମୁସଲମାନମାନଙ୍କର ସମସ୍ତ ଫିର୍କା ଆପଣଙ୍କ ବିରୋଧରେ ଯେତେଚେଷ୍ଟା କଲେ ମଧ୍ୟ ଅଲ୍ଲାଃ ତାଲା ଆପଣଙ୍କୁ ସଫଳତା ପ୍ରଦାନ କରିବେ ଓ ଆପଣଙ୍କ ଯମାତ୍ ଉନ୍ନତି କରିଚାଲିବ ।

ହଜୁର ଅନୱ୍ୱର ଅ:ବ:ଅ କହିଲେ, ଗୋଟିଏ ଅବସରରେ ଏକ ସଭାରେ ଆପଣ ଆ:ସ କହିଲେ ଯେ, ମନେ ରଖ ଈଶ୍ୱରଙ୍କ ଭକ୍ତଙ୍କର ପରିଣାମ କେବେବି ଖରାପ ହୁଏନାହିଁ । ଈଶ୍ୱରଙ୍କ ଯେଉଁ ପ୍ରତିଶୃତି ରହିଛି, **କତବଲ୍ଲାହୁ ଲଅଗଲିବନ୍ନା ଆନା ୱ୍ୱ ରୁସୁଲି** ବିଲକୁଲ୍ ସତ୍ୟ ଅଟେ ଓ ତାହା ସେତେବେଳେ ପୁରଣ ହୋଇଥାଏ ଯେତେବେଳେ ଲୋକମାନେ ତାହାଙ୍କ ରସୁଲ୍‌ମାନଙ୍କ ବିରୋଧ କରିଥାନ୍ତି ।

ପୁଣି ଗୋଟିଏ ସ୍ଥାନରେ ଆପଣ ଆ:ସ କହିଲେ: ଏହା ହେଉଛି ଖୁଦାତାଲାଙ୍କ ସୁନ୍ନତ ଓ ଯେବେଠାରୁ ସେ ଏ ଆକାଶ ଓ ପୃଥିବୀକୁ ସୃଷ୍ଟି କରିଛି ସେ ସର୍ବଦା ଏହି ସୁନ୍ନତକୁ ପ୍ରକାଶ କରିଆସିଛି ଯେ, ସେ ନିଜର ନବୀ ଏବଂ ରସୁଲ୍‌ମାନଙ୍କୁ ସାହାଯ୍ୟ କରିଥାଏ ଓ ସେମାନଙ୍କୁ ବିଜୟ ପ୍ରଦାନ କରିଥାଏ । ଯେମିତି କି ସେ କହିଛନ୍ତି: **କତବଲ୍ଲାହୁ ଲଅଗଲିବନ୍ନା ଆନା ୱ୍ୱ ରୁସୁଲି** ଏହି ରାୟତ୍‌ରେ ଗଲ୍‌ବାଃ ଶବ୍ଦର ଅର୍ଥ ହେଉଛି ଏହା କି, ରସୁଲ୍ ଏବଂ ନବୀମାନଙ୍କର ଏଭିଳାଷ ରହିଥାଏ ଯେ, ଖୁଦାଙ୍କ ହୁଜ୍ଜତ ଅର୍ଥାତ ଈଶ୍ୱରଙ୍କ ପ୍ରଭୁତ୍ୱ ଏ ପୃଥିବୀରେ ପୁରଣ ହୋଇଯାଉ ଓ ତାହାର ମୁକାବିଲା କେହି ନ କରିପାରନ୍ତୁ । ସେହିଭଳି ଖୁଦାତାଲା ତାହାର ଶକ୍ତିଶାଳୀ ନିଦ୍ଦର୍ଶନ ଦ୍ୱାରା ତା'ର ସତ୍ୟତାକୁ ପ୍ରକାଶ କରିଦେଇଥାଏ ଓ ଯେଉଁ ସଦାଚାରୀତାକୁ ଏ ଦୁନିଆରେ ପ୍ରଚାର ପ୍ରସାର କରିବାକୁ ଚାହିଁଥାଏ ସେ ତାହାର ବୀଜ ରୋପଣ ସେମାନଙ୍କ ହାତ ଦ୍ୱାରା ହିଁ କରିଥାଏ ଅର୍ଥାତ ସେହି ଅବତାରମାନଙ୍କ ହାତରେ ହିଁ ଏହାର ବୀଜ ରୋପଣ ହୋଇଥାଏ । ଏହା ହିଁ ହେଉଛି ଗଲ୍‌ବାଃ ଅର୍ଥାତ ଅଲ୍ଲାଃ ତାଲାଙ୍କର ବାର୍ତା ଯେତେବେଳେ ଜାରି ହୋଇଯାଏ ସେତେବେଳେ ସେମାନଙ୍କ ସହିତ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ସହଯୋଗ ମଧ୍ୟ ଆରମ୍ଭ ହୋଇଯାଇଥାଏ । ଏ ବିଷୟ ଅଲ୍‌ୱ୍ୱସିୟତ୍ ପତ୍ରିକାରେ ଆପଣ ଆ:ସ କହିଛନ୍ତି ଓ ଏହାର ବ୍ୟାଖ୍ୟା ମଧ୍ୟ କରିଦେଇଛନ୍ତି ଯେ, ଅଲ୍ଲାଃ ତାଲା ତା' ଅବତାରମାନଙ୍କ ଜରିଆରେ ବୀଜ ରୋପଣ ତ କରିଦେଇଥାଏ କିନ୍ତୁ ସେମାନଙ୍କ ହାତରେ ଏହି ମିଶନକୁ ସମ୍ପୁର୍ଣ୍ଣ କରିନଥାଏ ବରଂ ସେମାନଙ୍କ ମୃତ୍ୟୁପରେ ଯେତେବେଳେ ବିରୋଧିମାନେ ଥଟ୍ଟା ପରିହାସ କରିଥାନ୍ତି ସେତେବେଳେ ସେ ତା'ର କୁଦ୍‌ରତ୍ ଅର୍ଥାତ ଶକ୍ତି ଦେଖାଇ ସେହି ଉଦ୍ଦେଶ୍ୟଗୁଡ଼ିକୁ ପୁରଣ କରିଚାଲିଥାଏ । ପୁଣି ଆପଣ ଆ:ସ କହିଲେ ଯେ, ସେହି ଦ୍ୱିତୀୟ କୁଦ୍‌ରତ୍ (ଶକ୍ତି) ହେଉଛି ଖିଲାଫତ୍ । ଅତଏବ ଆମେ ଦେଖୁଅଛେ ଯେ, ଆପଣ ଆ:ସଙ୍କ ପରେ କିଭଳି ଖିଲାଫତ୍ ଜରିଆରେ ଆପଣ ଆ:ସଙ୍କ ଯମାତ୍‌ର ଉନ୍ନତି ଓ ଯମାତ୍ ବ୍ୟାପି ଯିବାର ସାମାନ୍ ସେ କିଭଳି ଉପଲବ୍ଧ କରିଚାଲିଛି । ପୁଣି ସେ ନିଜ ଲୋକମାନଙ୍କ ହୃଦୟରେ ଏ ବିଷୟକୁ ପକାଇ ଆପଣ ଆ:ସଙ୍କ ଯମାତ୍‌ରେ ସାମିଲ ହେବାପାଇଁ ପ୍ରୋତ୍ସାହିତ କରିଚାଲିଛି । ଆଜି ଗୋଟିଏ ଛୋଟିଆ ଗ୍ରାମରୁ ଯେଉଁ ଦାବି କରାଯାଇଥିଲା ତାହା ପୃଥିବୀର କୋଣ ଅନୁକୋଣରେ ଗୁଞ୍ଜରିତ ହେଉଅଛି ।

ହଜୁର ଅନୱ୍ୱର ଅ:ବ:ଅ କହିଲେ: ସୁତରାଂ ଯମାତ୍ ଅହେମଦୀୟାର ଇତିହାସ ସାକ୍ଷି ଅଛି ଯେ ଓ ଯେମିତି ଆପଣ ଆ:ସ କହିଛନ୍ତି କି, ଅଲ୍ଲାଃ ତାଲାଙ୍କର ପ୍ରତିଶୃତି ରହିଛି ଯେ, ତା'ର ଭକ୍ତ ଦିନକୁ ଦିନ ଉନ୍ନତି କରିଚାଲିବେ । ଅର୍ଥାତ ଅଲ୍ଲାଃ ଙ୍କ ଦ୍ୱାରା ପ୍ରେରଣ ହୋଇଥିବା ଦୁତମାନଙ୍କର ଉନ୍ନତିର ପାଦ ଦିନକୁ ଦିନ ଆଗକୁ ବଢ଼ିଚାଲୁଥିବ ଓ ସେମାନଙ୍କର ଯମାତ୍ ଆଗକୁ ବଢ଼ି ଚାଲୁଥିବ । ଏହି ପ୍ରତିଶୃତିର ଦୃଶ୍ୟ ଆମେ ପ୍ରତ୍ୟେକ ଦିନ ଦେଖୁଅଛୁ ଏହାର କିଛି ଘଟଣାବଳୀ ଏଠାରେ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବି ଯେ, କିଭଳି ଅଲ୍ଲାଃ ତାଲା ଅସାଧାରଣ ଭାବେ ଏହି ଉନ୍ନତି ଦେଇ ଚାଲିଛି । ଅଲ୍ଲାଃ ତାଲା କିଭଳି ଆପଣ ଆ:ସଙ୍କ ମିଶନକୁ ସମ୍ପୁର୍ଣ୍ଣ କରିବାପାଇଁ କାମ କରୁଛନ୍ତି ।

କାମେରୁନ୍ ଦେଶରୁ ଆମର ଜଣେ ମୁଅଲ୍ଲିମ୍ ସାହେବ୍ ଅବୁବକର ସାହେବ କହୁଛନ୍ତି ଯେ, ବାନିଓ ସହରରୁ ଜଣେ ବ୍ୟକ୍ତି ଅହମଦୁ ସାହେବ୍ ମତେ ଫୋନ କରି କହିଲେ ଯେ, ମୁଁ ଯମାତ୍ ଅହେମଦୀୟା ବିଷୟରେ କିଛି ଜାଣିନଥିଲି କିନ୍ତୁ କିଛି ଦିନ ପୂର୍ବେ ମୋ ପୁଅକୁ ଗୋଟିଏ ପାମ୍ପଲେଟ୍ ମିଳିଲା ଯାହାର ଟାଇଟେଲ୍ ଥିଲା ***ଯାଅଲ୍ ମସିହ୍*** । ମୁଁ ଏହି ପାମ୍ପଲେଟ୍ ସନ୍ଦର୍ଭରେ ଆପଣଙ୍କ ସହିତ ଯୋଗାଯୋଗ କରୁଅଛି । ସେ ଏକଥା ବତାଇଲେ ଯେ, ମୁଁ ନମାଜ ପଢ଼ିବାରେ ବହୁତ ଅବହେଳା କରୁଥିଲି ଦିନେ ସ୍ୱପ୍ନରେ ଜଣେ ଧଳା ଦାଢ଼ି ରଖିଥିବା ବ୍ୟକ୍ତି ଆସି ମତେ କହିଲେ ଯେ, ଉଠନ୍ତୁ ଆଉ ନମାଜ ପଢ଼ନ୍ତୁ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଦିସ୍ ନବୱ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 05 Nov 2020 Issue No. 45

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୫ ଅକ୍ଟୋବର ୨୦୧୯ ଶନିବାରର ବଳକାଅଂଶ

## ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆର୍ନ୍ତଜାତୀୟ ସମ୍ପନ୍ଧ, ଆଭ୍ୟନ୍ତରୀଣ ମତଭେଦ ବା ବିଭିନ୍ନ ଜାତି ଜାତି ମଧ୍ୟରେ ଉପୁଜୁଥିବା ମତଭେଦକୁ ସମାଧାନ କରିବା ସମ୍ପନ୍ଧରେ ବହୁତ ସୁନ୍ଦର ସିଦ୍ଧାନ୍ତ ବ୍ୟାଖ୍ୟାର ସହିତ ବର୍ଣ୍ଣନା କରୁଛି । ଇସ୍‌ଲାମ୍ ସର୍ବଦା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଧ୍ୟାନ ଆକର୍ଷଣ କରିଥାଏ ଏବଂ ବିଦ୍ୱେଷଭାବ ଓ ଶତୃତାକୁ ଶେଷ କରିବାପାଇଁ ପ୍ରୋତ୍ସାହିତ କରିଥାଏ । ଉଦାହରଣ ସ୍ୱରୁପ ସୁରାଃ ଅଲ୍‌ହୁଜ୍‌ରାତ୍‌ର ଆୟତ ନଂ ୧୦ ରେ ଏକଥା ଅଲ୍ଲାଃ ତାଲା ବର୍ଣ୍ଣନା କରୁଛନ୍ତି କି, ଯଦି ଦୁଇଟି ଗୋଷ୍ଠୀ ମଧ୍ୟରେ କନ୍ଦଳ ଦେଖାଯାଏ ତେବେ ସେମାନଙ୍କ ପଡ଼ୋଶୀ ବା କୌଣସି ନିରପେକ୍ଷ ଗୋଷ୍ଠୀକୁ ବାର୍ତାଳାପ ଜରିଆରେ ସେମାନଙ୍କ ମଧ୍ୟରେ ବୁଝାମଣା କରିଦେବା ଉଚିତ । ଯେଉଁ ତୃତୀୟ ପକ୍ଷ ସୁଲାଃ ସଫାଇ କରିବ ସେ ନିଜର ସ୍ୱାର୍ଥଠାରୁ ଉର୍ଦ୍ଧରେ ରହି ଏହା କରୁ । ପୁଣି ଯଦି ଆପୋଷ ବୁଝାମଣା ଦ୍ୱାରା କୌଣସି ନିଷ୍ପତି ନ ହୋଇପାରିଲା ବା କୌଣସି ପକ୍ଷ ଚୁକ୍ତି କରିବାପରେ ତାହାକୁ ରକ୍ଷା ନ କରିପାରିଲା ତେବେ ଅନ୍ୟ ସମସ୍ତ ଜାତି ସମୁହ ସେହି ପକ୍ଷର ବିରୋଧରେ ଏକାଠି ହୋଇଯାଆନ୍ତୁ ଅର୍ଥାତ ଯେଉଁ ପକ୍ଷଟି ଅନ୍ୟାୟ କରୁଅଛି ତା ବିରୋଧରେ ଏକତ୍ରିତ ହୋଇ ତାକୁ ଜୋର ଜବରଦସ୍ତି ସେଥିରୁ ନିବୃତ କରାଯାଉ । ପୁଣି ଯେତେବେଳେ ସେ ଅତ୍ୟାଚାର କରିବାରୁ ନିବୃତ ହୋଇଯିବ ତା'ପରେ ପୁଣି ତାକୁ ଅପମାନିତ କରିବା ଉଚିତ ନୁହେଁ ଓ ନାଁ ତା ଉପରେ ଅନ୍ୟାୟ ଅନିତି ଅବଲମ୍ବନ କରି ପ୍ରତିବନ୍ଧକ ଲଗାଇବା ଉଚିତ ହେବ । ବରଂ ନ୍ୟାୟ ଓ ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ ତାକୁ ଅବସର ମିଳିବା ଉଚିତ । ଯଦ୍ୱାରା ସେ ସ୍ୱାଧିନ ଭାବେ ଆଗକୁ ବଢ଼ିପାରିବ ପୁଣି ଏତିକି ନୁହେଁ ତାକୁ ପୂର୍ନବାର ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ ମଧ୍ୟ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୋର ଏ ବିଶ୍ୱାସ ଅଛି ଯେ, ଏହି ଅସାଧାରଣ ପବିତ୍ର କୋରାନ୍‌ର ସିଦ୍ଧାନ୍ତ କେବଳ ମୁସଲମାନମାନଙ୍କ ପାଇଁ ନୁହେଁ ବରଂ ଆର୍ନ୍ତଜାତିକ ସ୍ତରରେ ସମସ୍ତ ମତଭେଦକୁ ସମାଧାନ କରିବାପାଇଁ ଏହା ଏକ ବୁନିୟାଦି ନିୟମ । ଯଦି ତା'ଉପରେ ପରିଚାଳିତ କରାଯାଏ ତେବେ ଏହା ଦ୍ୱାରା ପୃଥିବୀର ସ୍ଥିରତା ଏବଂ ସ୍ଥାୟୀ ଶାନ୍ତି ପ୍ରାପ୍ତ କରିବାର ମାଧ୍ୟମ ରୂପେ ଏହା ପ୍ରମାଣିତ ହୋଇପାରେ । ବହୁତ ଦୁଃଖର କଥା ହେଉଛି ଏହା କି ଅନେକ ମୁସଲମାନ ରାଷ୍ଟ୍ରମାନେ ପବିତ୍ର କୋରାନ୍‌ର ଏହି ସିଦ୍ଧାନ୍ତ ଉପରେ ପରିଚାଳିତ ହେଉନାହାନ୍ତି । ଫଳତଃ ସେମାନେ ମୂର୍ଖତାପୂର୍ଣ୍ଣ ମତଭେଦରେ ଛନ୍ଦି ହୋଇଯାଇଛନ୍ତି ଓ ଅନବରତ ଅତ୍ୟାଚାର ଏବଂ ଅନ୍ୟାୟ ଅନିତିର ପରିଦ୍ଧି ଭିତରେ ବାନ୍ଧି ହୋଇ ରହିଛନ୍ତି । ଯେମିତି ଏକଥା ବର୍ଣ୍ଣନା ହୋଇସାରିଛି ଯେ, ଏହି ଆୟତ ଏକଥାକୁ ମଧ୍ୟ ବର୍ଣ୍ଣନା କରୁଅଛି କି, ବିଜେତାକୁ ବିଜୟ ପ୍ରାପ୍ତ କରିବାପରେ ହାରିଯାଇଥିବା ଗୋଷ୍ଠୀ ଉପରେ ଚାପ ପକାଇବା ଉଚିତ ନୁହେଁ ଓ ତାହାର ଅସମ୍ମାନ କରିବା ମଧ୍ୟ ଠିକ୍ ନୁହେଁ । ଏହାର କାରଣ ଏଠାରେ ସ୍ୱଷ୍ଟ ହେଉଅଛି ଯେ, ଯଦି ହାରି ଯାଇଥିବା ଜାତିକୁ ତିରସ୍କୃତ କରାଯାଏ ତେବେ ଅଧିକା ସମୟ ପର୍ଯ୍ୟନ୍ତ ଶାନ୍ତି ବଜାୟ ରହିବ ନାହିଁ ବରଂ ସେହି ଜାତି ଗୁଡ଼ିକର ନେତା ଓ ଜନସାଧାରଣଙ୍କ ମଧ୍ୟରେ ଅସ୍ଥିରତା ଓ ଶତୃତା ସୃଷ୍ଟି ହୋଇଯିବ ଏବଂ ଏହାର ବିପରୀତ ଯଦି ହାରିଯାଇଥିବା ଜାତି ସହିତ ନମ୍ର ବ୍ୟବହାର ଓ ନ୍ୟାୟ କରାଯାଏ ତେବେ ଆପୋଷ ସମ୍ମାନ ଓ ଆପୋଷ ମଧ୍ୟରେ ଥିବା ଭରଷାର ବାତାବରଣ ସୃଷ୍ଟି ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜିକାଲି ଆମେ ବାରମ୍ବାର ଏକଥା ଦେଖୁଅଛୁ ଯେ, ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ସ୍ଥାପନ କରିବା ନାମରେ ଅତ୍ୟାଚାର ଓ ଅନ୍ୟାୟ କରିଚାଲିଛନ୍ତି ସେଥିଯୋଗୁଁ ଅସ୍ଥିରତା ଓ ଶତୃତା ସୃଷ୍ଟି ହେଉଅଛି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ପ୍ରକାରର ଶାନ୍ତିଚୁକ୍ତି ଗୋଟିଏ ସରୁ ସୂତାରେ ବନ୍ଧା ହୋଇଛି ଯାହା ପ୍ରତି କ୍ଷଣ ଛିଣ୍ଡି ଯିବାର ବିପଦରେ ପଡ଼ି ରହିଛି । ଏହି ପ୍ରକାରର ଅସ୍ଥିରତା ଯୋଗୁଁ କାହାକୁ କୌଣସି ଲାଭ ପହଂଚୁନାହିଁ ଯଦି କାହାକୁ ଲାଭ ଏଥିରେ ହେଉଛି ତାହା ହେଲେ ସେ ହେଉଛନ୍ତି ସନ୍ତ୍ରାସବାଦ ଗୋଷ୍ଠୀ ଓ ଚରମପନ୍ଥୀ ଗୋଷ୍ଠୀ ଯେଉଁମାନେ ନିରାଶ ହୋଇଯାଇଥିବା ଲୋକମାନଙ୍କୁ ନିଜର ଲକ୍ଷ୍ୟସ୍ଥଳୀ ବନାଉଛନ୍ତି ଯାହାର ଫଳାଫଳ ଆମେ ଅନେକ ବର୍ଷ ହେବ ଦେଖିଆସୁଅଛେ । ପୂର୍ବ ଏବଂ ପଶ୍ଚିମ ଅର୍ଥାତ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଥିବା ଶାନ୍ତିର ନୀଳ ଆକାଶ ଉପରେ ଅନ୍ୟାୟ ଓ ଯୁଦ୍ଧର ଘନ ବାଦଲ ଘୋଟି ରହିଛି । ପୃଥିବୀର ଅଧିକାଂଶ ଦେଶ ଲଢ଼େଇ ଝଗଡ଼ା, ପ୍ରତିଶୋଧ ଏବଂ ଅନ୍ୟମାନଙ୍କୁ ନୀଚ ଦେଖାଇବାର ମନଭାବ ଯୋଗୁଁ ନିଜ ଭିତରେ ଫାଟ ସୃଷ୍ଟି କରିସାରିଛନ୍ତି ଅସ୍ଥିରତାର ଏ ଅବସ୍ଥା ବଢ଼ିଚାଲିବ ଏପରି କି ଆର୍ନ୍ତଜାତିୟ ସମ୍ପନ୍ଧର ମୂଳଦୁଆ ନ୍ୟାୟ, ଦିଆନତ୍‌ଦାରି ଏବଂ ଅନ୍ୟମାନଙ୍କ ଅଧିକାରକୁ ପ୍ରଦାନ କରିବା ଉପରେ ରଖାଯାଇ ପାରିବନାହିଁ । ଯେମିତି କି ମୁଁ ଆଜି ଏ ଦୁନିଆକୁ ଦେଖୁଅଛି । ମୋର ଏ ଦୁଆ ଯେ, ଏ ଦୁନିଆ ଅତିତର ଭୁଲ୍‌ଗୁଡ଼ିକୁ ପୂନରାବୃତି ନକରୁ ବରଂ ଆମକୁ ଇତିହାସରୁ ଶିକ୍ଷା ନେବା ଉଚିତ ଯଦ୍ୱାରା ଆମେ ନିଜ ପାଇଁ ଓ ନିଜର ଆସନ୍ତା ପିଢ଼ି ପାଇଁ ଉତମ ଭବିଷ୍ୟତ ନିର୍ମାଣ କରିପାରିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯଦି ଆମେ ପ୍ରଥମ ବିଶ୍ୱଯୁଦ୍ଧ ପରର ଯେଉଁ ଅବସ୍ଥା ସୃଷ୍ଟି ହୋଇଥିଲା ତାକୁ ଦେଖିବା ଜାଣିପାରିବା ଯେ, ସେତେବେଳେ ଲିଗ୍ ଅଫ୍ ନେସନ୍ସ ତିଆରି କରାଯାଇଥିଲା । କିନ୍ତୁ ଏହା ନିଜର ଉଦ୍ଦେଶ୍ୟ ପ୍ରାପ୍ତିରେ ସମ୍ପୁର୍ଣ୍ଣରୂପେ ଅସଫଳ ହେଲା । ତା' ଅସଫଳର କାରଣ ଏହା ଥିଲା କି ନ୍ୟାୟ ଓ ନିରପେକ୍ଷତାକୁ କାଏମ୍ ରଖାଗଲା ନାହିଁ ବରଂ ମୁହଁଦେଖା କାରବାର ଓ ଗୋଷ୍ଠୀବାଦ ଉପୁଜି ଗଲା । କେତେକ ଦେଶମାନଙ୍କ ସଙ୍ଗେ ଅନୁଚିତ ବ୍ୟବହାର କରାଗଲା ଓ ସେହି ଦେଶମାନଙ୍କୁ ନିଜର ଅସ୍ମିତାଠାରୁ ବଂଚିତ କରାଗଲା । ସେଥିଯୋଗୁଁ ଯଥାଶିଘ୍ର ମାନବ ଇତିହାସର ସବୁଠାରୁ ଭୟଙ୍କ ଯୁଦ୍ଧ ଅର୍ଥାତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ପରିଶେଷରେ ଛଅ ବର୍ଷ ବିଧ୍ୱଂସ ଲୀଳା ପରେ ଏହି ଯୁଦ୍ଧର ପରିସମାପ୍ତି ଘଟିଲା । ପୁଣି ଏ ଦୁନିଆରେ ଶାନ୍ତି ଓ ସୁରକ୍ଷାକୁ ସ୍ଥାପନ କରିବା ନିମନ୍ତେ ଜାତିସଂଘ ବନାଗଲା । କିନ୍ତୁ ଜାତିସଂଘ ମଧ୍ୟ ନିଜର ଉଚ୍ଚ ଉଦ୍ଦେଶ୍ୟ ଏବଂ ବଚନ ଦେଇଥିବା ଦୃଢ଼ତା ସତ୍ୟ ମଧ୍ୟ ନିଜ ମିଶନରେ ଅସଫଳ ହୋଇଯାଇଛି । ଆଜି ପୂର୍ନବାର ଦେଶଗୁଡ଼ିକ ଅଲଗା ଅଲଗା ଦଳବନ୍ଦି ହେଉଛନ୍ତି ଏବଂ ଏ ସମାଜ ଖଣ୍ଡ ବିଖଣ୍ଡିତ ହେଉଅଛି ଏବଂ ଜାତି ଜାତି ମଧ୍ୟରେ ଥିବା କନ୍ଦଳ ଅଧିକା ବଢୁଅଛି ବହୁତ ଗୁଡ଼ିଏ ମୁସଲମାନ ରାଷ୍ଟ୍ର ଏବଂ ଅଣମୁସଲିମ୍ ରାଷ୍ଟ୍ରଗୁଡ଼ିକ ଶାନ୍ତିର ସଠିକ ଅର୍ଥକୁ ବୁଝୁନାହାନ୍ତି ଏବଂ ଆସୁଥିବା ବିପଦଗୁଡ଼ିକ ବିଷୟରେ ଅବଗତ ନାହାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏବେ ଯେଉଁ ଯୁଦ୍ଧ ହେବ ଏହାର ଫଳାଫଳ ନିଶ୍ଚିତରୂପେ ସେହି ସମସ୍ତ ଯୁଦ୍ଧଠାରୁ ଅଧିକ ଭୟଙ୍କର ଓ ବିଧ୍ୱଂସକାରୀ ହେବ ଯାହାକୁ ଆମେ ପୂର୍ବରୁ ଦେଖିସାରିଛେ । କାରଣ ଅନେକ ଦେଶ ପରମାଣୁ ଅସ୍ତ୍ରଶସ୍ତ୍ର ବନାଇସାରିଛନ୍ତି । ଯଦି ସେହି ଦେଶଗୁଡ଼ିକମାନଙ୍କ ମଧ୍ୟରୁ ଗୋଟିଏ ଦେଶ ମଧ୍ୟ ଏହି ବିଧ୍ୱଂସକାରୀ ଅସ୍ତ୍ରକୁ ବ୍ୟବହାର କରିନିଏ ତେବେ ନାଁ ତ କେବଳ ସେ ଏ ପୃଥିବୀକୁ ଧ୍ୱସଂ କରିଦେବ ବରଂ ଆସନ୍ତା ପିଢ଼ିଙ୍କ ପାଇଁ ମଧ୍ୟ ଭୟଙ୍କର ଏବଂ ବିଧ୍ୱଂସକାରୀ ଫଳାଫଳକୁ ପଛରେ ଛାଡ଼ି ଯିବେ । ଯଦି ଆଟମିକ୍ ଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ପିଢ଼ି ପରେ ପିଢ଼ି ପିଲାମାନେ ମାନସିକ ଓ ଶାରିରିକ ସ୍ତରରେ ଅକ୍ଷମ ହୋଇଚାଲିବେ । ଅତଏବ ଏହିଭଳି ସେମାନେ ନିଜ ଜାତିର ସେବା କରିବା ପରିବର୍ତେ ଏ ଜାତି ପାଇଁ ଅତ୍ୟନ୍ତ ଦୁଃଖଦ ପୂର୍ଣ୍ଣ ଅସ୍ତିତ୍ୱ ହୋଇ ନିଜର ଜୀବନକୁ ଅତିବାହିତ କରିବେ ଏବଂ ସମାଜ ଉପରେ ବୋଝ ହୋଇଯିବେ । ସେମାନଙ୍କ ଘରେ ନିରାଶା ବ୍ୟାପି ଯିବ, ସେମାନଙ୍କ କସ୍‌ବା ନିରାଶ ପୂର୍ଣ୍ଣ ଏବଂ ସେମାନଙ୍କ ଜାତି ଅସ୍ଥିରତାର ଶିକାର ହେବ । ଆମର ମୂର୍ଖତାପୂର୍ଣ୍ଣ କାର୍ଯ୍ୟ ଏବଂ ସ୍ୱାର୍ଥ ଯୋଗୁଁ ଅନୁଷ୍ଠିତ ହେବାକୁ ଥିବା ଯୁଦ୍ଧ ଯୋଗୁଁ ଯଦି ସେମାନେ ଆମର ତିରସ୍କାର କରିବେ ତେବେ ସେମାନେ ଏଭଳି କରିବାପାଇଁ ଉଚିତ ହେବେ । କାରଣ ଏହି ଯୁଦ୍ଧଗୁଡ଼ିକ ସେମାନଙ୍କ ଜନ୍ମହେବା ପୂର୍ବରୁ ହିଁ ସେମାନଙ୍କ ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଇଥିବ । ତେଣୁ କାହାକୁ ମଧ୍ୟ ଏଭଳି ଭାବନାରେ ରହିବା ଠିକ୍ ନୁହେଁ ଯେ, ଆମେ ଯେଉଁ ଶଙ୍କଟ ପୂର୍ଣ୍ଣ ସମୟ ଦେଇ ଅତିବାହିତ କରୁଛେ ତାହା ଏକ ସାଧାରଣ ଜିନିଷ ବା ଏହି ସଙ୍କଟ ଆମର ଆଚରଣକୁ ପରିବର୍ତନ କରିବା ପରିବର୍ତେ ନିଜେ ହିଁ ଟଳିପଡ଼ିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏତଦବ୍ୟତିତ ଯଦି ଦୁନିଆରେ ଶାନ୍ତି ଓ ସୁରକ୍ଷାର ଅଭାବର କାରଣ ଇସ୍‌ଲାମ୍ ଉପରେ ପକାଯାଉଅଛି ତେବେ ପୃଥିବୀର ଏହି ଅସ୍ଥିରତା ଆହୁରି ଅଧିକ ବଢ଼ିଚାଲିବ କୌଣସି ଧର୍ମ ବା ସେହି ଧର୍ମର ଅନୁଗାମିଙ୍କ ଉପରେ ଆକ୍ରମଣ କରିବା ଦ୍ୱାରା ଏହି ମତଭେଦ ଆହୁରି ଅଧିକା ବଢ଼ିଚାଲିବ ଏହା ଦ୍ୱାରା କେବଳ ଚରମପନ୍ଥୀମାନଙ୍କୁ ପ୍ରୋତ୍ସାହନ ହିଁ ମିଳିବ ଓ ଏହା ଦ୍ୱାରା ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଘୃଣାଭାବର ଅଗ୍ନୀ ଆହୁରି ଅଧିକ ବଢ଼ିଚାଲିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେମିତି କି ମୁଁ ସ୍ପଷ୍ଟରୂପେ ବର୍ଣ୍ଣନା କରିସାରିଛି ଯେ, ଯଦି ମୁସଲମାନ ରାଷ୍ଟ୍ରଗୁଡ଼ିକ ବା

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan